## ସଂକ୍ଷେପରେ

### କବିତା ପାଠୋତ୍ସବ, ସ୍ମୃତିସଭା

ଖଇରା,୨୭।୬(ଡି.ଏନ.ଏ)- ଓଡିଆ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ଖଳନାୟକ ରାଇମୋହନ ପରିଡ଼ାଙ୍କ ଅବର୍ତ୍ତମାନରେ ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ଅମ୍ବିକା ମନ୍ଦିର ପରିସରରେ ଏକ ସ୍ମୃତିସଭା ସହ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇ ଯାଇଛି । ମା' ଅମ୍ବିକା ବିଶ୍ୱ କଲ୍ୟାଣ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ସଭାରେ ଶରତ କୁମାର ବିଶ୍ୱାଳ ପୌରହିତ୍ୟ କରିଥିଲେ। ପ୍ରଥମେ ଦିବଂଗତ ଖଳନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହ ରାଷ୍ଟ୍ରପତି ପ୍ରାର୍ଥିନୀ ଦ୍ରୌପଦୀ ମୁର୍ମୁଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ଶେଷରେ କବିତା ପାଠୋତ୍ସବର ଆୟୋଜନ କରାଯାଇଥିଲା। ଏହାକୁ ବସନ୍ତ କୁମାର ଦାସ ସଂଯୋଜନା କରିଥିଲେ। ଜଳଧର ଦାସ, ସନ୍ଧ୍ୟାରାଣୀ ପଟ୍ଟନାୟକ,ନିରଞ୍ଜନ ଦାସ,ଝୁନୁରାଣୀ ଦାସ,ରତ୍ନାକର ପଣ୍ଡା ପ୍ରମୁଖ କବିତା ପାଠ କରିଥିଲେ। ଡା. ଉମେଶ ଚନ୍ଦ୍ର ମହାନ୍ତି ବିବରଣୀ ପାଠ ଓ ପୁରୁଷୋତ୍ତମ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

### କଂଗ୍ରେସର ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ

ମୋରଡ଼ା, ୨୭।୬ (ଡି.ଏନ.ଏ) କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନାକୁ ବିରୋଧ କରି ସୋମବାର ମୋରଡ଼ା ନିର୍ବାଚନମଣ୍ଡଳୀର ଚିତ୍ରଡ଼ାସ୍ଥିତ କଲ୍ୟାଣ ମଣ୍ଡପଠାରେ କଂଗ୍ରେସ ପକ୍ଷରୁ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ କରାଯାଇଥିଲା। ଜିଲାର ବରିଷ୍ଠ କଂଗ୍ରେସ ନେତା ତଥା ପ୍ରଦେଶ କଂଗ୍ରେସ ସମ୍ପାଦକ ପ୍ରଭାସକର ମହାପାତ୍ରଙ୍କ ନେତୃତ୍ୱରେ ଏହି ନିର୍ବାଚନମଣ୍ଡଳୀର ଦୁଇ ଶହରୁ ଊର୍ଦ୍ଧ୍ୱ ଦଳୀୟ କର୍ମୀ ଏଥିରେ ସାମିଲ ହୋଇଥିଲେ। ମୟୂରଭଞ୍ଜ ଜିଲା ଯୁବ କଂଗ୍ରେସ ସଭାପତି ଅଂଶୁମାନ ଦାସ, ପୂର୍ବତନ ବ୍ଲକ କଂଗ୍ରେସ କମିଟି ସଭାପତି କୃଷ୍ଣଚନ୍ଦ୍ର ମାଣ୍ଡି, ହରିହର ଦାସ, ଶୁଳିଆପଦା ବ୍ଲକ କଂଗ୍ରେସ କମିଟି ସଭାପତି କାଳିଚରଣ ଧିର, ନବନିର୍ବାଚିତ ସରପଞ୍ଚ ରଘୁନାଥ ମୁର୍ମୁ, ସମିତିସଭ୍ୟ ଲକ୍ଷ୍ମୀଧର ମାଣ୍ଡି, ଝୁନାରାଣୀ ସେଠୀ, ପୂର୍ବତନ ସରପଞ୍ଚ ହୀରା ଟୁଡୁ, ପୂର୍ବତନ ଯୁବ ସଭାପତି ଶଶଧର ବେହେରା, ଛାତ୍ର ସଭାପତି ଶୁଭ କୁମାର ମହାନ୍ତ, ବରିଷ୍ଠ ନେତା ମୁରଲୀ ନାଏକ, କମଳଲୋଚନ ଗିରି, କୁନା ବେହେରା, ମୋହନ ଦାସ, ରାଜୁ ପଢିହାରୀ, ଟୁଟୁ ଗିରି, ପୂର୍ବତନ ସମିତିସଭ୍ୟ ନିରଞ୍ଜନ ଦାସ, ପୂର୍ବତନ ମୋରଡ଼ା ବ୍ଲକ କଂଗ୍ରେସ ସଭାପତି ଘାସିରାମ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# ମେଶିନ ଲଗାଇ ଖୋଳିଦେଲେ ସୁନାନଦୀ

- ନଦୀଜଳ ପ୍ରଦୂଷିତ ଯୋଗୁ ଲୋକେ ହଇରାଣ
- ସ୍ଲରି ପାଇପ ଲାଇନ ପ୍ରମୁଖ କାରଣ

ଯୋଡ଼ା,୨୭।୬(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ସହରର ଜୀବନ ରେଖା କୁହାଯାଉଥିବା ସୁନା ନଦୀର ବକ୍ଷକୁ ଏକ ଶିଳ୍ପ ସଂସ୍ଥାର ସ୍ଲରି ପାଇପ ଲାଇନ ସଂଯୋଗୀକରଣ ପାଇଁ ଏକାଧିକ ମେଶିନ ଲଗାଇ ଖୋଳି ଦିଆଯାଇଛି ।ଯାହାଦ୍ୱାରା ସୁନା ନଦୀର ଗତିପଥ ଅବରୋଧ ହୋଇଛି। ସୂଚନା ଅନୁଯାୟୀ, ଏକ ଶିଳ୍ପ ସଂସ୍ଥାର ଖଣିଜ ସ୍ଲରୀ ପାଇପ ଲାଇନ ଯୋଡ଼ା ସହର ମଧ୍ୟ ଦେଇ ସଂଯୋଗୀକରଣ କରାଯାଉଛି। ଏହି ପାଇପ ଲାଇନ ଦେଇ ଖଣିରୁ ଗୁଣ୍ଡ ଲୁହାପଥରକୁ ପାଣି ମିଶାଇ ସୁଦୂର ଇସ୍ପାତ ଶିଳ୍ପ ସଂସ୍ଥାକୁ ପରିବହନ କରାଯିବ। ଏଥିପାଇଁ ଉକ୍ତ ଶିଳ୍ପ ସଂସ୍ଥା ପକ୍ଷରୁ ଯୋଡ଼ାରୁ ବାମେବାରୀ, କାଳିମାଟି ପର୍ଯ୍ୟନ୍ତ ରାସ୍ତା କଡ଼କୁ ଖୋଳି ଦିଆଯାଉଛି। ଏହାଦ୍ୱାରା ଅନେକ ସ୍ଥାନରେ ବିଦ୍ୟୁତ ସରବରାହ ଛିନ୍ନ ହେବା ସହିତ ପାନୀୟଜଳ ଯୋଗାଣ ପାଇପଲାଇନ ମଧ୍ୟ ଫାଟି ଯାଉଛି। ମେଶିନ ଖୋଳା ହେତୁ ଇଣ୍ଟରନେଟ ସେବା ମଧ୍ୟ ବିଚ୍ଛିନ୍ନ ହେଉଛି। ରାସ୍ତା କଡ଼ରେ ଗର୍ତ୍ତ ହେବାରୁ ବର୍ଷା ଜଳ ସହରରେ ନିଷ୍କାସନ ହୋଇ ନ ପାରି କୃତ୍ରିମ ବନ୍ୟା ସୃଷ୍ଟି ହେଉଛି।

ସୋମବାର ଯୋଡ଼ା ସହର ମଧ୍ୟ ଦେଇ ଯାଇଥିବା ସୁନାନଦୀରେ ବଡ଼ ବଡ଼ ମେଶିନ ଲଗାଇ ଖୋଳି ସ୍ଲରି ପାଇପ ଲାଇନ ସଂଯୋଗ କରାଯାଉଥିଲା। ଯାହା ଫଳରେ ଏହି ସୁନା ନଦୀ ଉପରେ ନିର୍ଭର କରୁଥିବା ଲକ୍ଷାଧିକ ଲୋକ ନଦୀ ଜଳକୁ ବ୍ୟବହାର କରି ପାରି ନ ଥିଲେ। ଏହି ଜଳକୁ ବ୍ୟବହାର କରୁଥିବା ଫାସନ ଅଲି, ଗୌରାଙ୍ଗ ବେହେରା, ସୁମନ୍ତ ଗିରି ପ୍ରମୁଖ କହିଛନ୍ତି, ନଦୀ ଭିତର ଖୋଳିବା ଦ୍ୱାରା ନଦୀ ଜଳ ସ୍ରୋତ ହ୍ରାସ ପାଇଛି। ଏହା ବ୍ୟବହାର ଉପଯୋଗୀ ହୋଇ ପାରୁ ନାହିଁ। ନଦୀ ଭିତର ଦେଇ ଯାଉଥିବା ପାଇପ ଲାଇନ କୌଣସି କାରଣରୁ ଯଦି ଫାଟିଯାଏ। ତେବେ ସମ୍ପୂର୍ଣ୍ଣ ସୁନା ନଦୀ ସମେତ ବୈତରଣୀ ମଧ୍ୟ ଦୂଷିତ ହୋଇଯିବ। ପୌରପାଳିକା ମଧ୍ୟ ଏଥିପ୍ରତି ଦୃଷ୍ଟି ଦେଉନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି।

ଏ ସଂପର୍କରେ ଯୋଡ଼ାର ବୁଦ୍ଧିଜୀବୀ ମାନସ ଦାସ କହିଛନ୍ତି, ବର୍ତ୍ତମାନ ବର୍ଷା ଦିନ ଥିବାରୁ ଏହାକୁ ବନ୍ଦ ରଖାଯିବ ଉଚିତ। ଜନ ବସତି ଓ ସହର ମଧ୍ୟ ଦେଇ ଏହି ପାଇପ ଲାଇନ ସଂଯୋଗୀକରଣ ହେଲେ ସହରବାସୀଙ୍କ ପ୍ରତି ବିପଦପୂର୍ଣ୍ଣ ରହିଛି। କାରଣ ପୂର୍ବରୁ ଏକ ସଂସ୍ଥାର ସ୍ଲରୀ ପାଇପ ଲାଇନ ଫାଟିଯିବାରୁ ଜଳ ମିଶ୍ରିତ ଗୁଣ୍ଡ ଲୁହାପଥର ନିକଟସ୍ଥ ହାଟିଂ ଜନବସତି ଉପରେ ମାଡ଼ିଯାଇ ବହୁ କ୍ଷୟକ୍ଷତି ଘଟାଇଥିଲା। ଉକ୍ତ ପାଇପ ଲାଇନ ଯୋଗୁ ଅଞ୍ଚଳର ଟ୍ରକ ଡମ୍ପର ଯୋଗେ ପରିବହନ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ। ଯାହାଦ୍ୱାରା ରାଜ୍ୟର ଅର୍ଥନୀତି ଉପରେ ପ୍ରଭାବ ପଡ଼ିବ। ସରକାରଙ୍କ ରାଜସ୍ୱ ହାନି ହେବ। ଏ ସଂକ୍ରାନ୍ତରେ ଯୋଡ଼ା ଟ୍ରକ ମାଲିକ ସଂଘ ସମ୍ପାଦକ ସୁଶାନ୍ତ କୁମାର ବାରିକ କହିଛନ୍ତି, ପାଇପଲାଇନ୍‌କୁ ସଂଘ ପକ୍ଷରୁ ବିରୋଧ କରାଯାଉଛି। ଆଗାମୀ ଦିନରେ ଏହାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦିଆଯିବ। ସଂଗୋଗୀକରଣ କରୁଥିବା ସଂସ୍ଥାମାନେ ନଦୀ, ନାଳ, ନର୍ଦ୍ଦମା ଏବଂ ସ୍ଥଳଭାଗକୁ କୌଣସି ପ୍ରକାର ଗୁରୁତ୍ୱ ଦେଉ ନାହାନ୍ତି। ସମୀକ୍ଷା ବୈଠକ ନ କରି କୌଣସି ଅନୁମତି ନ ନେଇ ଏବଂ ସ୍ଥାନୀୟ ଲୋକଙ୍କ ମତାମତ ନ ନେଇ ମନମୁଖୀ ଭାବେ ଏହି କାର୍ଯ୍ୟ କରୁଛନ୍ତି।



ମେଶିନ ଲଗାଇ ନଦୀ ଖୋଳାଯାଉଛି।

## ସରକାରୀ ନିୟମ ଉଲ୍ଲଂଘନ

### ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲ ଅଧ୍ୟକ୍ଷଙ୍କୁ ନୋଟିସ୍ କଲେ ଗଣଶିକ୍ଷା ମନ୍ତ୍ରୀ

କେନ୍ଦୁଝର, ୨୭।୬ (ସ୍ୱ.ପ୍ର.)

ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶଙ୍କ କେନ୍ଦୁଝର ଜିଲା ଗସ୍ତ ବେଳେ ଗତ ୨୩ ତାରିଖରେ ଦୁଇଟି ବସ୍‌ରେ ନିର୍ଦ୍ଧାରିତ ଠାରୁ ଅଧିକ ସଂଖ୍ୟାରେ ଛାତ୍ରୀଛାତ୍ର ତଥା ଶିକ୍ଷକ ପରିବହନ କରୁଥିବା ନେଇ ଜିଲା ଶିକ୍ଷା ଅଧିକାରୀ ଚିଠି ସଂଖ୍ୟା (ନଂ.୪୮୭୮/୨୭।୬।୨୨)ରେ ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲ ଅଧ୍ୟକ୍ଷଙ୍କୁ ନୋଟିସ କରିଛନ୍ତି। ପିଲା ମାନଙ୍କ ସୁରକ୍ଷା ଦୃଷ୍ଟିରୁ ସରକାରୀ ନୀତି ଓ ନିୟମ ପାଳନ କରିବା ବାଧ୍ୟତା ଥିବା ସତ୍ତ୍ୱେ ଏଭଳି କାହିଁକି ପରିବହନ ହେଉଥିଲା ସେ ନେଇ ତିନି ଦିନ ମଧ୍ୟରେ ଉତ୍ତର ଦେବାକୁ ଆଦେଶ କରିଛନ୍ତି । ଖିଲାପ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚିଠିରେ ଉଲ୍ଲେଖ ରହିଛି।

# 'ଅଗ୍ନିପଥ' ବିରୋଧରେ ଧାରଣା

ଭଦ୍ରକ ଅଫିସ,୨୭।୬

କେନ୍ଦ୍ର ସରକାରଙ୍କ 'ଅଗ୍ନିପଥ' ଯୋଜନାକୁ ବିରୋଧ କରି ଭଦ୍ରକ ବିଧାନସଭା ନିର୍ବାଚନମଣ୍ଡଳୀ କଂଗ୍ରେସ କମିଟି ପକ୍ଷରୁ ସୋମବାର ପୁରୁଣା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ କାର୍ଯ୍ୟାଳୟରୁ କର୍ମୀମାନେ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ପୁରୁଣା ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ପରେ ଭଦ୍ରକ ବ୍ଲକ କଂଗ୍ରେସ କମିଟି ସଭାପତି ପ୍ରଫୁଲ୍ଲ ସାମଲଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ହୋଇଥିଲା। ଦଳୀୟ ନେତା ନଳିନୀ କୁମାର ମହାନ୍ତି ଏଥିରେ ଯୋଗଦେଇ କହିଥିଲେ, ଅଗ୍ନିପଥ ଯୋଜନା ଦ୍ୱାରା ଭାରତର ଅଖଣ୍ଡତାକୁ ରକ୍ଷା କରୁଥିବା ସୈନ୍ୟବାହିନୀ ଦୁର୍ବଳ ହେବ। ମୋଦି ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ପ୍ରତ୍ୟେକ ନିର୍ବାଚନୀ ସଭାରେ ବର୍ଷକୁ ୨କୋଟି ନିଯୁକ୍ତି ଦେବେ ବୋଲି ଘୋଷଣା କରିଥିଲେ। ଯାହାକି ସମ୍ପୂର୍ଣ୍ଣ ମିଛ ସାବ୍ୟସ୍ତ ହୋଇଛି। ମୋଦି ଦେଶର ଯୁବବର୍ଗଙ୍କ ସହ ବିଶ୍ୱାସଘାତକତା କରିଛନ୍ତି। ଅଗ୍ନିପଥ ଯୋଜନାକୁ ତୁରନ୍ତ ପ୍ରତ୍ୟାହାର ପାଇଁ ସେ ଦାବି କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ଅମିତାବାଳା ଆଚାର୍ଯ୍ୟ, ପାରିଷଦ ଜାହି ଶାହା, ଅଶ୍ରଫ ଅଲ୍ଲୀ ଖାନ, ଏନାମୁଲ ହକ୍, ରାଜନ ଲାହା, ପୀତବାସ ଧଳ, ଡା. ରବି ମହାପାତ୍ର, ତନଭିର ଖାନ, ହେମନ୍ତ ସାହୁ, କାଳନ୍ଦୀ ଜେନା ପ୍ରମୁଖ ସଭାରେ ଉପସ୍ଥିତ ଥିଲେ।



ପ୍ରତିବାଦ ସଭାରେ କଂଗ୍ରେସ ନେତା ଓ କର୍ମୀ।

## ମିଳିତ ଜନ ଶୁଣାଣି ଶିବିରରେ ୧୪୬ ଅଭିଯୋଗ

ସିମୁଳିଆ,୨୭।୬(ଡି.ଏନ.ଏ.)

ସିମୁଳିଆ ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବିଭାଗରେ ୧୪୬ଟି ଅଭିଯୋଗ ସମ୍ପର୍କରେ ରେଜିଷ୍ଟ୍ରେସନ ହୋଇଥିଲା। ସେଥି ମଧ୍ୟରେ ବିଦ୍ୟୁତ୍ ସମସ୍ୟା, ଜାତୀୟ ରାଜପଥରେ ବାଇପାଶ୍ ରୋଡ଼ ନିର୍ମାଣ ଅଧାପନ୍ତରିଆ ଅବସ୍ଥାରେ ରହିବା, ରାଜପଥର ଥାନା ସମ୍ମୁଖରେ ବିଭିନ୍ନ ଟ୍ରକ୍ ବର୍ଷବର୍ଷ ଧରି ଅଟକି ରହିବା ଯୋଗୁ ଗମନାଗମନରେ ବାଧା ସୃଷ୍ଟି ହେବା, ମେଡିକାଲର କିରାଣୀ କର୍ମଚାରୀମାନଙ୍କ ଦରମା ବିଲ୍‌ର କାଗଜପତ୍ର କାମ ମାସମାସ ଧରି ନ କରିବାରୁ କର୍ମଚାରୀମାନେ ଦରମା ନ ପାଇବା, ପ୍ରସୂତି ମାନଙ୍କୁ ବିଭିନ୍ନ ଘରୋଇ ନର୍ସିଂ ହୋମ୍‌କୁ ପଠାଇ କମିଶନ ନେବା, ଜଳ ପରିମଳ ବିଭାଗ ଅଧୀନରେ କାର୍ଯ୍ୟରତ ୧୬ଜଣ ପମ୍ପ ଡ୍ରାଇଭରମାନଙ୍କୁ ଗତ ୭ବର୍ଷ ହେଲା ଦରମା ନ ମିଳିବା ସମ୍ପର୍କରେ ଅଭିଯୋଗ ହୋଇଥିଲା। ସିମୁଳିଆରେ କାର୍ଯ୍ୟରତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଜନ ଶୁଣାଣି ଶିବିର ସମ୍ପର୍କରେ ପ୍ରଚାର ପ୍ରସାର କରା ନ ଯିବା ଏପରିକି ଖବରଦାତାମାନଙ୍କୁ ମଧ୍ୟ ସୂଚନା ଦିଆ ନ ଯିବା ସମ୍ପର୍କରେ ଜିଲାପାଳ ଓ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଏପରି ନ କରିବା ପାଇଁ ଜିଲାପାଳ ତାଗିଦ୍ କରିଥିଲେ। ବିଭିନ୍ନ ବିଭାଗର କର୍ମଚାରୀମାନଙ୍କ ସମେତ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ,ଏସ୍‌ପି ସୁଧାଂଶୁ ଶେଖର ମିଶ୍ର, ଏଡିଏମ୍ ନୀଲୁ ମହାପାତ୍ର, ସିଡିଏମ୍‌ଓ ଦୁଲାଳସେନ ଜଗଦେବ, ବିଡିଓ ସୁଧିର କୁମାର ସିଂ ପ୍ରମୁଖଥିଲେ ।

## ମିତ୍ରପୁର ବଜାରରେ ବୁଲିଲା ଝାଡ଼ଖଣ୍ଡୀ ଦନ୍ତା

ନୀଳଗିରି,୨୭।୬(ସ୍ୱ.ପ୍ର)

ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ସପ୍ତାହେ ହେଲା ଏକ ଝାଡ଼ଖଣ୍ଡୀ ଦନ୍ତା ଉପଦ୍ରବ ଜାରି ରଖିଛି । ତା' ଭୟରେ ସ୍ଥାନୀୟ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଖାଦ୍ୟ ଅନ୍ୱେଷଣରେ ହାତୀଟି ଗାଁ ଭିତରକୁ ପଶି ଆସିଥିବା ବେଳେ ଦିନରେ ରାସ୍ତାରେ ଘୂରି ବୁଲୁଛି। ସୋମବାର ହାତୀଟି ମିତ୍ରପୁର ବଜାରରେ ବିଚରଣ କରୁଥବା ଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇ ପଡ଼ିଥିଲେ। ହାତୀଟି ଗତ ଶନିବାର ଗୋପାଳପୁର ଜଙ୍ଗଲରୁ ବାହାରି ପଳାଇ ଯାଉଥିବା ବେଳେ ନୀଳଗିରି-ମୟୂରଭଞ୍ଜ ସୀମାରୁ ପୁଣି ନୀଳଗିରିକୁ ଫେରି ଆସିଥିଲା। ସୋମବାର ପୂର୍ବାହ୍ନରେ ରେମୁଣା ଓ ମିତ୍ରପୁର ବଜାରରେ ବୁଲୁଥିବା ଦେଖିବାକୁ ମିଳଥିଲା। ହାତୀ ଦେଖିବାକୁ ହଜାର ହଜାର ଲୋକ ଭିଡ଼ ଜମାଇବା ସହ ମୋବାଇଲ୍‌ରେ ଫଟୋ ଉତ୍ତୋଳନ କରୁଛନ୍ତି। ନୀଳଗିରି ବନ କର୍ମଚାରୀମାନେ ହାତୀର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ରିପୋର୍ଟ ଲେଖା ହେବା ସୁଦ୍ଧା ହାତୀଟି ଗୋପାଳପୁର ଦେଇ ତିନିକୋଶିଆ ସଂରକ୍ଷିତ ଜଙ୍ଗଲରେ ପ୍ରବେଶ କରିଛି। ତାକୁ ଝାଡ଼ଖଣ୍ଡ ଘଉଡ଼ାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଶ୍ୟାମସୁନ୍ଦରପୁର ମିଶନ ଶକ୍ତି ଗୃହ ଉଦ୍‌ଘାଟିତ



ଉଦ୍‌ଘାଟନୀ ଅବସରରେ ବିଧାୟକ ଓ ଅନ୍ୟମାନେ।

ଖଇରା, ୨୭।୬(ଡି.ଏନ.ଏ)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଶ୍ୟାମସୁନ୍ଦରପୁର ପଞ୍ଚାୟତ ମିଶନ ଶକ୍ତି ଗୃହ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇ ଯାଇଛି। ସୋମବାର ମହିଳା ମହାସଂଘର ଏମବିକେ ପଙ୍କଜିନୀ ଦାସଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ବିଧାୟକ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ନବୀନ ସରକାରଙ୍କ ସମୟରେ ମହିଳା ମାନଙ୍କର ଯଥେଷ୍ଟ ପ୍ରଗତି ହୋଇଛି। ଆର୍ଥିକ ମାନସିକ ସ୍ତରରେ ସ୍ୱାବଲମ୍ବୀ ହୋଇ ରାଜ୍ୟ ଓ ଦେଶର ପ୍ରଗତିରେ ଭାଗିଧାରିହୋଇ ପାରିଛନ୍ତିବୋଲି କହିଥିଲେ। ବିଡିଓ ପର୍ଶୁରାମ ପଣ୍ଡା,ସରପଞ୍ଚ ବନିତା ପ୍ରଧାନ ଓ ସମିତିସଭ୍ୟା ବାସନ୍ତୀ ମହାନ୍ତି ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ୧୩୪ ମହିଳା ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିଲେ।

# ଶେଷ ହୋଇପାରୁନି ଫ୍ଲାଏ ଓଭର କାମ

- ସୂଚନାଫଳକରେ ୨ବର୍ଷ ହେଲା ସରିଛି
- ହଇରାଣ ହେଉଛନ୍ତି ଲୋକେ

କେନ୍ଦୁଝର, ୨୭।୬ (ସ୍ୱ.ପ୍ର.)



ଖଣିଖାଦାନ ବହୁଳ ବଡ଼ବିଲ ଅଞ୍ଚଳର ବିକାଶ ପାଇଁ ପଦକ୍ଷେପ ନିଆଯାଉ ନ ଥିବାରୁ ଲୋକେ ବହୁ ସମସ୍ୟା ମଧ୍ୟରେ ରହୁଛନ୍ତି। ବିପର୍ଯ୍ୟସ୍ତ ରାସ୍ତାପଥ ଯୋଗୁ ଧୂଳି ପ୍ରଦୂଷଣ ସାଙ୍ଗକୁ ଟ୍ରାଫିକ ସମସ୍ୟାରେ ସମସ୍ତେ ହଇରାଣ ହେଉଛନ୍ତି। ବିଶେଷ କରି ବଡ଼ବିଲରୁ ନାଲଦା ଦେଇ ବଡଜାମଦା (ଝାରଖଣ୍ଡ)କୁ ସଂଯୋଗ କରୁଥିବା ରାସ୍ତାରେ ଦୈନିକ ଶହ ଶହ ସଂଖ୍ୟାରେ ଲୁହାପଥର ପରିବହନ ହେଉଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏଣୁ ଏହାର ସୁଦୃଢ଼ୀକରଣ ପାଇଁ ରେଳଲାଇନ ଉପରେ ଏକ ଓଭର ବ୍ରିଜ ନିର୍ମାଣ କରାଯାଉଛି। ତେବେ ରେଳଲାଇନ ଉପରେ ରେଳ ବିଭାଗ ପକ୍ଷରୁ ଓଭରବ୍ରିଜ ନିର୍ମାଣ ସରିଥିଲେ ହେଁ ଉଭୟ ପାର୍ଶ୍ୱର ରାସ୍ତା ନିର୍ମାଣ ହେଉ ନ ଥିବାରୁ ସମସ୍ୟାର ସମାଧାନ ହୋଇପାରୁନାହିଁ। ଫଳରେ ସବୁଦିନ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି।

ବିଶେଷ କରି ସ୍କୁଲ ବସ୍‌ରେ କୁନି କୁନି ପିଲା ମାନେ ଓ ଆମ୍ବୁଲାନ୍ସରେ ରୋଗୀ ମାନେ ଅଟକି ରହି ଅନେକ ସମୟରେ ଅକଥନୀୟ ଯନ୍ତ୍ରଣା ଭୋଗୁଛନ୍ତି। ତେବେ ଏହି ରାସ୍ତା ପାଇଁ ଟେଣ୍ଡର ସରିଥିଲେ ହେଁ ରାସ୍ତା କାମ ଆରମ୍ଭ ହୋଇ ପାରୁନାହିଁ। ଏପରିକି ଉକ୍ତ ସ୍ଥାନରେ ଲଗାଯାଇଥିବା ସୂଚନା ଫଳକରେ ରାସ୍ତା କାମ ତା୨।୧୧।୨୦୧୮ରେ ଆରମ୍ଭ ହୋଇ ତା୧।୧୧।୨୦୨୦ରିଖରେ ସରିବ ବୋଲି ଉଲ୍ଲେଖ ରହିଥିଲେ ହେଁ କାମ ଆରମ୍ଭ ହୋଇ ପାରୁ ନ ଥିବାରୁ ସ୍ଥାନୀୟ ଅଧିବାସୀ ଘୋର ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଏନେଇ ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗ ଯନ୍ତ୍ରୀ ଅଶୋକ ମହାପାତ୍ର କହିଛନ୍ତି, ଜମି ଅଧିଗ୍ରହଣ ହୋଇ ନ ଥିବାରୁ କାମ ଆରମ୍ଭ ହୋଇପାରୁ ନାହିଁ। ଜମି ଅଧିଗ୍ରହଣ ହୋଇ ହସ୍ତାନ୍ତର ହେଲେ କାମ ହେବ। ତେବେ ରାସ୍ତା ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ହେଁ ବିଳମ୍ବ ହେଉଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ କୁହୁଳୁଛି । ଏଣୁ ଏହି କାମ ତୁରନ୍ତ କରିବାକୁ ସ୍ଥାନୀୟ ସାମାଜିକ କର୍ମୀ ସୁଶିଲ କାଇଞ୍ଚ ଓ ଅନ୍ୟମାନେ ଜିଲାପାଳଙ୍କ ହସ୍ତକ୍ଷେପ ଦାବି କରିଛନ୍ତି।

# ସମିତି କିଣୁଛି ଧାନ,ଦେଉନି ବିହନ

- ନୂଆ କୃଷି ନୀତି ପାଇଁ କୃଷକଙ୍କ କମୁଛି ଆଗ୍ରହ
- ବିହନ ନିଗମ ପ୍ରଭାବିତ

ଭୋଗରାଇ,୨୭।୬(ଡି.ଏନ.ଏ.)

ରାଜ୍ୟ ସରକାର ଚଳିତ ଖରିଫ ଋତୁଠାରୁ କୃଷି ନୀତିର ପରିବର୍ତ୍ତନ କରିଥିବାରୁ ଚାଷୀକୁଳ ଚିନ୍ତିତ ହୋଇଛନ୍ତି। ଓଡ଼ିଶାକୁ ମୌସୁମୀ ଛୁଇଁ ଥିବାବେଳେ ଖରିଫ ଚାଷ ପାଇଁ ଚାଷୀଙ୍କ ଆଗ୍ରହ ପ୍ରକାଶ ପାଉନାହିଁ ବୋଲି ବିଭିନ୍ନ କୃଷକ ସଂଗଠନ ଅଭିଯୋଗ ଆଣିଛନ୍ତି। ଏଥିପାଇଁ ଚାଷୀମାନେ ପରିବର୍ତ୍ତିତ କୃଷିନୀତିକୁ ଦାୟୀ କରିଛନ୍ତି। ରାଜ୍ୟ କୃଷି ବିଭାଗ ଓ ବିହନ ନିଗମ ମିଳିତ ଭାବେ ଚଳିତ ଖରିଫ ଋତୁରେ ଧାନବିହନ କୁଇଣ୍ଟାଲ ପିଛା ଶହେ ଟଙ୍କା ମୂଲ୍ୟ ବୃଦ୍ଧି କରିଥିବା ବେଳେ ଅଣଧାନ ଚାଷ ପାଇଁ ମଧ୍ୟ ସମପରିମାଣର ମୂଲ୍ୟ ବୃଦ୍ଧି କରିଛନ୍ତି। ଏପରିକି ଚାଷୀଙ୍କୁ ପୂରାଦାମ୍‌ରେ ବିହନ କ୍ରୟ କରିବାକୁ ଘୋଷଣା କରିଛନ୍ତି କୃଷି ବିଭାଗ। ପୂର୍ବ ନିର୍ଦ୍ଧାରିତ କୃଷି ନୀତି ଯୋଗୁ ଜଣେ କୃଷକ ସହଜ ଓ ସରଳ ଭାବେ ସବ୍‌ସିଡି ମାଧ୍ୟମରେ ବିହନ କିଣୁଥିବା ବେଳେ ଚଳିତ ଋତୁରେ ତାହାର ବ୍ୟତିକ୍ରମ ଘଟିଛି। ପୂରାଦାମ୍‌ରେ କିଣୁଥିବା ଚାଷୀଙ୍କ ଆକାଉଣ୍ଟକୁ ସବ୍‌ସିଡି ଦିଆଯିବ ବୋଲି କୃଷି ବିଭାଗ ନୀତି ଘୋଷଣା କରିଛି। ପୁଣି ଚାଷୀ ସରକାରୀ ଧାନବିହନ କିଣିବା ପାଇଁ ମୋବାଇଲ୍ ଓଟିପିର କୁପନ୍ ଆଧାରରେ ଦିଆଯିବାର ବ୍ୟବସ୍ଥା କରିଛନ୍ତି। ଏ ସମସ୍ତ ଜଟିଳତା ମଧ୍ୟରେ ସାଧାରଣ ଗରିବ ଚାଷୀ ଚାଷକାର୍ଯ୍ୟ ନିମନ୍ତେ ମୁହଁ ମୋଡୁଛନ୍ତି। ଓଡ଼ିଶାରେ କେବଳ ଉପକୂଳବର୍ତ୍ତୀ ଜିଲାକୁ ଛାଡ଼ିଦେଲେ ଅନ୍ୟ ଜିଲାର ଅନୁନ୍ନତ ଗରିବ ଚାଷୀମାନେ କୃଷିନୀତି ଯୋଗୁ ଗଭୀର ଭାବେ ପ୍ରଭାବିତ ହୋଇଥିବା ସୂଚନା ମିଳିଛି।

ବାଲେଶ୍ୱର ଜିଲାର ୧୨ଟି ବ୍ଲକ ଅଞ୍ଚଳରେ ୧ଲକ୍ଷ ୯୮ହଜାର ହେକ୍ଟର ଜମିରେ ଖରିଫ ଧାନ ଚାଷ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ରହିଛି। ବିହନ ନିଗମକୁ ୧୦ହଜାର ୫୧୯ କୁଇଣ୍ଟାଲ ୧୦କେ.ଜି. ବିଭିନ୍ନ କିସମର ଧାନ ବିକ୍ରୟ ନିମନ୍ତେ ଯୋଗାଇ ଦିଆଯାଇଛି। ଏହା ଏବେ ଗୋଦାମ ଘରେ ଗଚ୍ଛିତ ରହିଛି। ଏଥିମଧ୍ୟରୁ ୨୫ ତାରିଖ ସୁଦ୍ଧା ବିଭିନ୍ନ ବ୍ଲକର ଡିଲରମାନଙ୍କୁ ମାତ୍ର ୪ହଜାର ୩୮୫ କୁଇଣ୍ଟାଲ ୬୦କେ.ଜି. ଧାନ ବିହନ ବିକ୍ରି କରାଯାଇଥିବା ଜିଲା ବିହନ ନିଗମର ଜୋନାଲ ମ୍ୟାନେଜର ସୁଦାମ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି। ଅପରପକ୍ଷରେ ବିହନ ନିଗମ ପକ୍ଷରୁ ଯୋଗାଇ ଦିଆଯାଇଥିବା ଶାରଳା ନାମିତ ଧାନ ବିହନ ଗଜା ହେଉ ନ ଥିବାରୁ ଚାଷୀମାନେ କୃଷି ବିଭାଗ ଓ ନିଗମକୁ ଜଣାଇ ପ୍ରତିକାର ଦାବି କରିଛନ୍ତି। ଜିଲାରେ ୧୪୩ ସେବା ସମବାୟ ସମିତି ଥିବାବେଳେ ଅଦ୍ୟାବଧି ୫୯ ସମିତି ୧୪୨୦ କୁଇଣ୍ଟାଲ ୪୦କେ.ଜି. ଧାନ ନିଗମରୁ କ୍ରୟ କରିଛନ୍ତି। ନୂତନ କୃଷି ନୀତି ଯୋଗୁ ବାଲେଶ୍ୱର ଜିଲା ସମେତ ସମସ୍ତ ଜିଲାରେ ବିହନ ନିଗମ ପ୍ରଭାବିତ ହୋଇ ହଜାର ହଜାର କୁଇଣ୍ଟାଲ ଧାନ ଗୋଦାମ ଘରେ ଗଚ୍ଛିତ ରହି କ୍ଷତି ହେବାର ଆଶଙ୍କା ରହିଛି।

ବାଲେଶ୍ୱର ଜିଲାରେ ସେବା ସମବାୟ ସମିତି ରବି ଋତୁର ଧାନ ଚାଷୀଙ୍କଠାରୁ କିଣୁଥିବା ବେଳେ ଖରିଫ ଋତୁରେ ଧାନ ଓ ଅଣଧାନ ବିହନ ଚାଷୀଙ୍କୁ ଯୋଗାଇ ନ ଦେବା ଚାଷୀକୁଳଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି। ଅବିଳମ୍ବେ ନୂତନ କୃଷିନୀତି ପ୍ରତ୍ୟାହାର କରିବା ସହିତ ସୁଲଭ ମୂଲ୍ୟରେ ଚାଷୀଙ୍କୁ ବିହନ, ସାର, କୀଟନାଶକ ଔଷଧ, ଆଧୁନିକ କୃଷି ଯନ୍ତ୍ରପାତି ଯୋଗାଇ ଦେବାକୁ କୃଷକ ସଙ୍ଗଠନ ଗୁଡ଼ିକ ରାଜ୍ୟ ସରକାରଙ୍କଠାରେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ମୁଖ୍ୟ ଜିଲା କୃଷି ଅଧିକାରୀ ନିକୁଞ୍ଜ କିଶୋର ରାଉତ କୁହନ୍ତି, ସରକାରୀ ଧାନ ବିହନର ମୂଲ୍ୟବୃଦ୍ଧି ଏବଂ ଓଟିପି ବ୍ୟବସ୍ଥା ଯୋଗୁ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ତାଙ୍କ ନିକଟରେ ଅଭିଯୋଗ ପହଞ୍ଚିଛି। ସରକାରୀ ସ୍ତରରେ ଏହାର ସରଳୀକରଣ ହେବା ଦରକାର। ସେହିପରି ଭୋଗରାଇ ବ୍ଲକ କାଞ୍ଚିଭଉଁରୀ ଗ୍ରାମର ଚାଷୀ ଅଭିଯୋଗ କରିଛନ୍ତି ଯେ, ସେ କିଣିଥିବା ୧୦୦୧ କିସମ ସରକାରୀ ଧାନ ବିହନ ଗଜା ହେଉନି।

# ମିଳିତ ଜନଶୁଣାଣିରେ ୩୬ ଅଭିଯୋଗ



ଜନଅଭିଯୋଗ ଶୁଣାଣି ଶିବିରରେ ଅଧିକାରୀମାନେ।

ବାସୁଦେବପୁର, ୨୭।୬ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ଚିନ୍ତାମଣି ସଭାଗୃହ ପରିସରରେ ସୋମବାର ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଓ ବ୍ଲକ ପ୍ରଶାସନର ମିଳିତ ସହଯୋଗରେ ହୋଇଥିବା ଶିବିରରେ ମୋଟ ୩୬ଟି ଅଭିଯୋଗ ଆସିଥିବା ବେଳେ ଏହାର ସମାଧାନ ପାଇଁ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟତଃ ବାସୁଦେବପୁର ସହରର ଟ୍ରାଫିକ ସମସ୍ୟା, ୟୁଏମ୍ଏସ୍ଏଲ୍ କମ୍ପାନୀ ଦ୍ୱାରା ନିର୍ମାଣାଧୀନ ରାସ୍ତା କାର୍ଯ୍ୟ ତୁରନ୍ତ ଶେଷ, ଜଳ ନିଷ୍କାସନ ବ୍ୟବସ୍ଥା, ଡ୍ରେନେଜ୍ ଆଦି ସମସ୍ୟା ସହ ଚୋରା ମଦ ବିକ୍ରି ଉପରେ ରୋକ୍ ଲଗାଇବା ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସହରାଞ୍ଚଳର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଜିଲାପାଳ ପୌର ନିର୍ବାହୀ ଅଧିକାରୀ ମାନସ ଦଣ୍ଡପାଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଚରଣ ସିଂ ମୀନା, ଉପଜିଲାପାଳ ମନୋଜ କୁମାର ପାତ୍ର, ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ସିଡିଏମ୍‌ଓ ଡା. ସନ୍ତୋଷ କୁମାର ପାତ୍ର, ବିଡିଓ ସତ୍ୟଜିତ ରାଉତ, ତହସିଲଦାର ଅନୀତା ନାୟକଙ୍କ ସହ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ବାସୁଦେବପୁରରୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ କଲେ ପିସିସି ସଭାପତି

**ବାସୁଦେବପୁର, ୨୭।୬(ଡି.ଏନ.ଏ.)**


ପଦଯାତ୍ରାରେ ପିସିସି ସଭାପତି ଶରତ ପଟ୍ଟନାୟକ ଓ ଅନ୍ୟ ନେତୃବୃନ୍ଦ।

ପ୍ରଦେଶ କଂଗ୍ରେସ କମିଟିର ନିଷ୍ପତ୍ତି ଅନୁଯାୟୀ ସୋମବାର ଭଦ୍ରକ ଜିଲା ବାସୁଦେବପୁରରୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ଏଥିସହ ଅଗ୍ନିପଥ ନିଯୁକ୍ତିକୁ ବିରୋଧ କରି ସତ୍ୟାଗ୍ରହ ଆନ୍ଦୋଳନ କରାଯାଇଛି। ପିସିସି ସଭାପତି ଶରତ ପଟ୍ଟନାୟକ ଏଥିରେ ଯୋଗଦେଇ ବାସୁଦେବପୁର ନିର୍ବାଚନମଣ୍ଡଳୀର ରକ୍ତତୀର୍ଥ ଇରମ ପର୍ଯ୍ୟନ୍ତ ପଦଯାତ୍ରା କରି ଶହୀଦ ପୀଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାପରେ ଏଠାରେ ଅନୁଷ୍ଠିତ ସଭାରେ ଅଗ୍ନିପଥ ଯୋଜନାରେ ନିଯୁକ୍ତିକୁ ୪ବର୍ଷର ଚୁକ୍ତିଭିତ୍ତିକ ନ କରି ସ୍ଥାୟୀ ପାଇଁ ଦାବି କରିଥିଲେ। କେନ୍ଦ୍ର ସରକାର ପ୍ରଗତି ନାଁରେ ଦେଶକୁ ବିନାଶ ଆଡ଼କୁ ଟାଣି ନେଉଛନ୍ତି। ଦରଦାମ୍ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି। ସେହିପରି ରାଜ୍ୟରେ ଏକ କୃଷକ, ମହିଳା ତଥା ଜନ ବିରୋଧୀ ଅମଲାତାନ୍ତ୍ରିକ ସରକାର କାର୍ଯ୍ୟ କରୁଛି। ରାଜ୍ୟରେ ଶିଳ୍ପ, କୃଷି ଓ ଜଳସେଚନର ଭିତ୍ତିଭୂମିକୁ ସୁଦୃଢ଼ କରାଯାଉ ନ ଥିବାରୁ ଜନସାଧାରଣ ଦାଦନ ଖଟିବାକୁ ଯାଉଛନ୍ତି ବୋଲି ସେ କହିଥିଲେ।

ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ, କଟକର ପୂର୍ବତନ ବିଧାୟକ ସୁରେଶ ମହାପାତ୍ର, ଜିଲା କଂଗ୍ରେସ କମିଟି ସଭାପତି ସୁବ୍ରତ ଦାସ, ଭଦ୍ରକର ପୂର୍ବତନ ବିଧାୟକ ନରେନ ପଲେଇ, ପିସିସି ସାଧାରଣ ସମ୍ପାଦକ ଅଶୋକ ଦାସ, ଶୁଭେନ୍ଦୁ ମହାନ୍ତି, କିଶୋର ଜେନା, ପୂର୍ବତନ ଯୁବ କଂଗ୍ରେସ ସଭାପତି ଲୋକନାଥ ମହାରଥି, ନାରୀନେତ୍ରୀ ମଧୁମିତା ସେଠୀ, ମମତା ମହାନ୍ତି, ମହିଳା କଂଗ୍ରେସ ସଭାନେତ୍ରୀ ମଞ୍ଜୁଲତା ପଣ୍ଡା, ମହିଳା ମୋର୍ଚ୍ଚାର ପିସିସି ସାଧାରଣ ସମ୍ପାଦିକା ରୀନାରାଣୀ ଭୋଇ, ଇରମ ସରପଞ୍ଚ ସାବିତ୍ରୀ ବଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ନଗର କଂଗ୍ରେସ ସଭାପତି ଭକ୍ତରଞ୍ଜନ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ବ୍ଲକ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ବଳ ସଭାପତିତ୍ୱ କରିଥିଲେ। ପୂର୍ବତନ ଜିଲା ସଭାପତି ନାରାୟଣ ପାଢ଼ୀ, ବିଦ୍ୟାଧର ଜେନା, ରମେଶ ଚନ୍ଦ୍ର ବେହେରାଙ୍କ ସମେତ ବରିଷ୍ଠ କର୍ମୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଶହୀଦଙ୍କ ଦାୟାଦମାନଙ୍କୁ ପିସିସି ସଭାପତି ସମ୍ବର୍ଦ୍ଧିତ କରିଥିଲେ। ବାସୁଦେବପୁରର ହାଇସ୍କୁଲ ଛକଠାରୁ ଏକ ଭବ୍ୟ ଶୋଭାଯାତ୍ରାରେ ପିସିସି ସଭାପତିଙ୍କୁ ଇରମ ପର୍ଯ୍ୟନ୍ତ ନିଆଯାଇଥିଲା।

## ବିଭିନ୍ନ ସ୍ଥାନରେ ସ୍ୱାଗତ ସମ୍ବର୍ଦ୍ଧନା

**ଭଦ୍ରକ ଅଫିସ :** ପିସିସି ସଭାପତି ଶରତ ପଟ୍ଟନାୟକ ସୋମବାର ଭଦ୍ରକ ଜିଲା ଗସ୍ତରେ ଆସିଥିବା ବେଳେ ବିଭିନ୍ନ ସ୍ଥାନରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପୂର୍ବାହ୍ନରେ ଭଦ୍ରକ ସହର ଉପକଣ୍ଠ ଆରଡ଼ି ଛକଠାରେ ପୂର୍ବତନ ପ୍ରଦେଶ କଂଗ୍ରେସ ମୁଖପାତ୍ର ଶୁଭେନ୍ଦୁ ରାୟ ମହାପାତ୍ରଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ପିସିସି ସଭାପତି ପଟ୍ଟନାୟକ, ପୂର୍ବତନ ସାଧାରଣ ସମ୍ପାଦକ ଶୁଭେନ୍ଦୁ ମହାନ୍ତି ଓ ପୂର୍ବତନ ରାଜ୍ୟ ଯୁବ କଂଗ୍ରେସ ସଭାପତି ଲୋକନାଥ ମହାରଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ବଳରାମ ରାଉତ, ଯୁବନେତା ରିୟାଜ ଖାନ୍, ସେକ୍ ଜହିର, ଏମ୍‌ଡି ତବରେଜ୍ ଆଲମ, ଲମ୍ବୋଦର ସ୍ୱାଇଁ, ସତ୍ୟବ୍ରତ ପଣ୍ଡା, ଦେବେନ୍ଦ୍ର ସାମଲ, ନାରାୟଣ ଜେନା, ରମାକାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବୀଣା ପେଟ୍ରୋଲ ପମ୍ପ ନିକଟରେ ଭଦ୍ରକ ବିଧାନସଭା ନିର୍ବାଚନମଣ୍ଡଳୀ କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଦଳୀୟ ନେତା ନଳିନୀ ମହାନ୍ତିଙ୍କ ନେତୃତ୍ୱରେ ଜିଲା କଂଗ୍ରେସ ସଭାପତି ସୁବ୍ରତ ଦାସ, ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ଅମିତାବାଳା ଆଚାର୍ଯ୍ୟଙ୍କ ସହ ବହୁ କର୍ମୀ ଉପସ୍ଥିତ ଥିଲେ।

## ପୋଖରୀରେ ବୁଡ଼ି ଦିବ୍ୟାଙ୍ଗ ନାବାଳକ ମୃତ

**ମୋରଡା,୨୭।୬(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ହଳଦୀପାଳ ପଞ୍ଚାୟତ ସମାଇଡିହି ଗ୍ରାମରେ ସୋମବାର ପୋଖରୀରେ ବୁଡ଼ି ଜଣେ ଦିବ୍ୟାଙ୍ଗ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ଜସନ ପରମାଣିକଙ୍କ ପୁଅ ସୁମନ ପରମାଣିକ(୮)।

ସୂଚନା ଅନୁଯାୟୀ, ସେ ମଧ୍ୟାହ୍ନରୁ ଘରେ ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରି ତାଙ୍କୁ ପାଇ ନ ଥିଲେ। ବନ୍ଧ ପାଣିରେ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ତାଙ୍କ ପରିବାରକୁ ଖବର ଦେଇଥିଲେ। ପରେ ପୋଲିସ ପହଞ୍ଚି ଚିତ୍ରଡ଼ା ଦମକଳ ବାହିନୀ ସହାୟତାରେ ପାଣିରୁ ମୃତଦେହ ବାହାର କରି ଜବତ କରିଥିଲା। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାକୁ ପଠାଇଛି। ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ସଂକ୍ଷେପରେ

### ଝୁଲନ୍ତା ଅବସ୍ଥାରେ ମିଳିଲା ଯୁବତୀଙ୍କ ମୃତଦେହ

#### ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ

**ଝୁମ୍ପୁରା, ୨୭।୬ (ଡି.ଏନ.ଏ.):** କେନ୍ଦୁଝର ଜିଲା ଝୁମ୍ପୁରା ଥାନା ଅଞ୍ଚଳରେ ଥିବା ଏକ ଆମ୍ବଗଛରୁ ଝୁଲନ୍ତା ଅବସ୍ଥାରେ ଜଣେ ଯୁବତୀଙ୍କ ମୃତଦେହକୁ ପୋଲିସ ସୋମବାର ଜବତ କରିଛି। ମୃତକ ହେଲେ ରେଣୁକା ଗିରି। ତାଙ୍କ ଘର ମୟୂରଭଞ୍ଜ ଜିଲା ରରୁଆଁ ଥାନା ଅଞ୍ଚଳରେ। ଏନେଇ ପୋଲିସ ଏକ ମାମଲା (ନଂ.୭/୨୨) ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ ମୃତା ରେଣୁକାଙ୍କର ପାରିବାରିକ ଅବସ୍ଥା ଠିକ ନ ଥିବାରୁ ସେ ଅନ୍ୟମାନଙ୍କ ସହାୟତାରେ ଝୁମ୍ପୁରାରେ ଆସି ୪ମାସ ହେବ ଜଣଙ୍କ ଦୋକାନରେ କାମ କରିବା ସହିତ ତାଙ୍କ ଘରେ ରହୁଥିଲେ। ସୋମବାର ସକାଳୁ ଦୋକାନ ମାଲିକ ନିଜ ବାଡିର ଆମ୍ବଗଛରେ ରେଣୁକା ଝୁଲି ରହିଥିବା ଦେଖି ଥାନାରେ ଖବର ଦେଇଥିଲେ। ଏହାପରେ ତାଙ୍କ ବାପା, ମା'ଙ୍କୁ ଖବର ଦିଆଯାଇଥିଲା। ତାଙ୍କ ବାପା ମିହିର ମୋ ଝିଅକୁ ହତ୍ୟା କରିବାପରେ ଗଛରେ ଝୁଲାଇ ଦିଆଯାଇଛି ବୋଲି ଝୁମ୍ପୁରା ଥାନାରେ ଏତଲା ଦେଇଛନ୍ତି। ସାଇଣ୍ଟିଫିକ ଟିମ୍ ବାରିପଦାରୁ ଆସି ଅପରାହ୍ନ ୪ଟା ବେଳେ ଘଟଣାସ୍ଥଳରେ ପହଞ୍ଚିବା ପରେ ମାଜିଷ୍ଟ୍ରେଟ ପ୍ରତିଭା ପୃଷ୍ଟିଙ୍କ ଉପସ୍ଥିତିରେ ମୃତଦେହକୁ ଗଛରୁ ଓହ୍ଲାଇ ଦିଆଯାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ଏବଂ ସାଇଣ୍ଟିଫିକ ଟିମ ରିପୋର୍ଟକୁ ଆଧାର କରି ତଦନ୍ତ ଆଗକୁ ବଢ଼ାଯିବ ବୋଲି ଥାନା ଅଧିକାରୀ ବିରେନ୍ଦ୍ର ଶିଆଳ କହିଛନ୍ତି।

### ଗ୍ରାମ ବିକାଶ ସମିତି ବୈଠକ

**ଭଦ୍ରକ ଅଫିସ,୨୭।୬:** ଭଦ୍ରକ ପୌରାଞ୍ଚଳସ୍ଥିତ ଗରଦପୁର ଭାଗୀରଥି ପାଠାଗାର ଗୃହରେ ରବିବାର ଗରଦପୁର ଗ୍ରାମ ବିକାଶ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ଲକ୍ଷ୍ମଣ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ସମ୍ପାଦକ ହୃଷୀକେଶ ମହାନ୍ତି ଗ୍ରାମର ମଧ୍ୟଭାଗରେ ଥିବା ଆବର୍ଜନାମୟ ପୋଖରୀକୁ ସଫା କରିବା, ସମସ୍ତ ଶ୍ମଶାନର ପୁନରୁଦ୍ଧାର, ମୁଖ୍ୟ ରାସ୍ତାକଡ଼ରେ ଥିବା ନାଳରେ ଡ୍ରେନ୍ ନିର୍ମାଣ ଆଦି ବିଷୟରେ ଗୁରୁତ୍ୱାରୋପ କରିଥିଲେ। ସମିତିର ବରିଷ୍ଠ ସଭ୍ୟ ରାମଚନ୍ଦ୍ର କର, ରବିନାରାୟଣ ଜେନା, ନରେନ୍ଦ୍ର ମହାପାତ୍ର, ସନ୍ତୋଷ ମହାପାତ୍ର, ବିଜୟ ବହଳୀ, ଜଗବନ୍ଧୁ ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମସ୍ତ ସମସ୍ୟା ସମ୍ପର୍କରେ ଚଳିତ ମାସ ୩୦ ତାରିଖ ସୁଦ୍ଧା ଭଦ୍ରକ ପୌରପାଳିକା ଅଧକ୍ଷାଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସମସ୍ତେ ମତ ଦେଇଥିଲେ। ଶେଷରେ ହରିହର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ହଜ୍‌ଯାତ୍ରୀଙ୍କୁ ସମ୍ବର୍ଦ୍ଧନା

**ଭଦ୍ରକ ଅଫିସ, ୨୭।୬:** ଭଦ୍ରକ ପୁରୁଣା ବଜାର ମାଚିସ୍ ଫ୍ୟାକ୍ଟ୍ରିଠାରେ ଅଖିଳ ଭାରତୀୟ ଦୁଃଖୀ ସମାଜ ପକ୍ଷରୁ ହଜ୍ ଯାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସଭାପତି ଇଂ. ମନାୱର ହୋସେନଙ୍କ ଅଧକ୍ଷତା ଓ କମିଟିର ସମ୍ପାଦକ ରେଜାଏ ରସୁଲଙ୍କ ସଞ୍ଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ସଭ୍ୟ ତବାରକ ଅଲ୍ଲୀ ଚଳିତ ମାସରେ ହଜ୍ ତୀର୍ଥ ଯାଉଥିବାରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେ ମଙ୍ଗଳବାର ଭଦ୍ରକରୁ ଯାତ୍ରା ଆରମ୍ଭ କରିବେ। ସମ୍ବର୍ଦ୍ଧନା ଉତ୍ସବରେ ଏନ୍‌ପିଜି ଗ୍ରୁପ ଓ ପୁରୁଣାବଜାର ମଦ୍ରାସା କାଦରିୟା ହବିବିୟା କମିଟି ସାମିଲ ହୋଇଥିଲେ। ସବ୍‌ବିର ଅଲ୍ଲୀ, ଜମିଲ ଅଖତର ଖାନ, ମୁକ୍ତାର ଅହେମଦ ରସିଦ, ଶେର ଅଲି ଖାଁ, ମତଲୁବ ଅଲୀ, ହବିବୁଲ୍ଲା ଖାଁ, ଲିୱା ମାଷ୍ଟର, ଶେଖ୍ ହବିବୁଲ୍ଲା, ମୁସ୍ତାକ ଗୌହର, ଗୋଲାମ ମୋହିଉଦ୍ଦିନ, ମିର୍ଜା ଏକ୍ରାମ ବେଗ, ଶେଖ ଅନୱର ପ୍ରମୁଖ ଉପସ୍ଥିତ ଥିଲେ।

### ରକ୍ତଦାନ ଶିବିର

**ଭଣ୍ଡାରିପୋଖରୀ,୨୭।୬(ସ୍ୱ.ପ୍ର.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀସ୍ଥିତ ଉତ୍କଳ କମ୍ପ୍ୟୁଟର ଏକାଡେମୀ ପରିସରରେ ସୋମବାର ଉତ୍କଳ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ଅମିତାଭ ଦାସ, ଭଦ୍ରକ ଜିଲା ଉତ୍କଳ ସାମ୍ବାଦିକ ସଂଘର ସଭାପତି ରବିନାରାୟଣ ଖିଲାର, ଖବରଦାତା ସନ୍ତୋଷ ଦାସ, ସୁଶାନ୍ତ ରାଉତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଟ୍ରଷ୍ଟର ମୁଖ୍ୟ ତ୍ରିଲୋଚନ ଦାଶ, ସଭାପତି ଅଜିତ ପତି, ଉପସଭାପତି ଅଜୟ ରାଉତ, ସମ୍ପାଦିକା ପୂଜାରାଣୀ ବେହେରା, ସଭ୍ୟ ସୁଜିତ କୁମାର ଜେନା, ତୋଫାନି ପଣ୍ଡା, ଦୀପକ ମଲିକ, ହିମାଂଶୁ ଶେଖର ଜେନା ପ୍ରମୁଖଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ମୋଟ ୧୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଭଦ୍ରକ ମେଡିକାଲ ପକ୍ଷରୁ ରତିକାନ୍ତ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ପରିଚାଳନା କରିଥିଲେ।

# 'ଓଡ଼ିଆ ଭାଷା, ସାହିତ୍ୟର ରକ୍ଷାକର୍ତ୍ତା ଫକୀରମୋହନ'


ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

**ବାଲେଶ୍ୱର ଅଫିସ,୨୭।୬**

### ମୌସୁମୀ ବିଚିତ୍ରା ଆସର

ବାଲେଶ୍ୱର ଶାନ୍ତିକାନନ ପରିସର ଫକୀରମୋହନ ସାହିତ୍ୟ ପରିଷଦ ତରଫରୁ ମୌସୁମୀକୁ ସ୍ୱାଗତ ଜଣାଇ ମୌସୁମୀ ବିଚିତ୍ରା ଆସର ଆୟୋଜିତ ହୋଇଯାଇଛି। ଏହି ଅବସରରେ ଗୀତ, ନୃତ୍ୟ, କବିତା, ବକ୍ତବ୍ୟ ଓ ସମୂହ ସଙ୍ଗୀତ ପରିବେଷଣ କରାଯାଇଥିଲା। ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ ଫକୀରମୋହନଙ୍କୁ ଓଡ଼ିଆ ଭାଷା ଓ ସାହିତ୍ୟର ରକ୍ଷାକର୍ତ୍ତା ବୋଲି ପ୍ରକାଶ କରିଥିଲେ। ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

ଆୟୋଜିତ ଆସରରେ ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ସମାଜସେବୀ ମମତା ମହାପାତ୍ର, କବି ଶ୍ରଦ୍ଧାଞ୍ଜଳି ରାୟ, ଗାଳ୍ପିକା ଅଞ୍ଜଳି ପଣ୍ଡା ଓ ସାହିତ୍ୟିକା ଅରୁଣା ରାୟ ମୌସୁମୀ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ କଲ୍ୟାଣୀ ନନ୍ଦଙ୍କର ରଚନା ଓ ନିର୍ଦ୍ଦେଶନାରେ କଣ୍ଠଶିଳ୍ପୀମାନେ ସାମୂହିକ ସଙ୍ଗୀତ ପରିବେଷଣ କରିଥିଲେ। ସମ୍ପାଦକ ଦୀପକ ବୋଷ ସାମ୍ପ୍ରତିକ ଓ ଭବିଷ୍ୟତର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଉପ-ସଭାପତି ପ୍ରଦୀପ ଚାଟାର୍ଜୀଙ୍କ ସଂଯୋଜନାରେ ଡ. ବଂଶୀଧର ଚୌଧୁରୀ, ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ବିମଳ ଜେନା, କବି ଶ୍ରୀଦେବ, କବୟିତ୍ରୀ ଯଶୋଧାରା ଦାସ ଓ ଅକ୍ଷାଂଶର ସମ୍ପାଦକ ଡ. ହରିଶ୍ଚନ୍ଦ୍ର ବେହେରା ମୌସୁମୀ କବିତା ପାଠ କରିଥିଲେ। ଡ. ସାରଙ୍ଗଧର ତ୍ରିପାଠୀଙ୍କ ନିର୍ଦ୍ଦେଶନାରେ କଳାକାରମାନେ ମୌସୁମୀ ଗୀତରେ ନୃତ୍ୟ ପରିବେଷଣ କରିଥିଲେ। ଅଧ୍ୟାପକ ସୁକାନ୍ତ କୁମାର ଗିରି, ନିବାରଣ ଜେନା, ଶରତ କୁମାର ମହାପାତ୍ର, ଡ. ଭାଗବତ ପ୍ରସାଦ ଦାସ, ବିଷ୍ଣୁପ୍ରସାଦ ମହାନ୍ତି, ଡା. ପ୍ରଭାତ ଚନ୍ଦ୍ର ଚୌଧୁରୀ, ରାଜେଶ ଗିରି, ସ୍ମୃତି ଦାସ, ଅବନ୍ତୀ ପ୍ରଧାନ, ଅର୍ଚ୍ଚନା ନନ୍ଦୀ, ଡ. କ୍ଷିତୀଶ୍ୱର ଦାଶ, ଅଖିଳ କୁମାର ଦାସ, ପ୍ରଫୁଲ୍ଲ କୁମାର ମହାପାତ୍ର, ଯୋଗେଶ ଚନ୍ଦ୍ର ପ୍ରଧାନ, ପଦ୍ମଲୋଚନ ପ୍ରଧାନ, ଦିଲ୍ଲୀପ କୁମାର ଚକ୍ରବର୍ତ୍ତୀ, ବିଦ୍ୟାଧର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଜିଲା କେମିଷ୍ଟ,ଡ୍ରଗିଷ୍ଟ ସଂଘର କାର୍ଯ୍ୟକାରିଣୀ କମିଟି ମନୋନୟନ

**ବସ୍ତା,୨୭।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା କେମିଷ୍ଟ ଏବଂ ଡ୍ରଗିଷ୍ଟ ସଂଘର କର୍ମକର୍ତ୍ତା ଏବଂ ନିର୍ବାଚନ କମିଟି ସଦସ୍ୟଙ୍କ ଦ୍ୱାରା ଆଗାମୀ ୨୦୨୨-୨୫ କାର୍ଯ୍ୟକାଳ ପାଇଁ ବସ୍ତା ତଥା ବାଲିଆପାଳ ଜୋନ୍‌ର କାର୍ଯ୍ୟକାରିଣୀ କମିଟି ସଦସ୍ୟ ନିମନ୍ତେ ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଛି।

ଏଥିପାଇଁ ଦୁଇଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ବସ୍ତା ରାଜପଥ ସ୍ଥିତ ଏକ କଲ୍ୟାଣମଣ୍ଡପଠାରେ ସ୍ଥାନୀୟ ଔଷଧ ବ୍ୟବସାୟୀମାନେ ଏକତ୍ରିତ ହୋଇ ୫ଜଣ ସଦସ୍ୟ ଚିନ୍ମୟ କୁମାର ଶତପଥୀ(ବସ୍ତା), ବିଦ୍ୟାଧର ଦେ (ବସ୍ତା), ଅନ୍ନଦା ପ୍ରସନ୍ନ ପଟ୍ଟନାୟକ (ରୂପସା), ସୀତାଂଶୁ ଶେଖର ସାହୁ (ସିଂଲା) ଏବଂ ଶୁଭ୍ରାଂଶୁ ପଣ୍ଡା (ଅମର୍ଦ୍ଦା ରୋଡ୍)ଙ୍କୁ ମନୋନୀତ କରିଥିଲେ। ସଂଘର ସମ୍ପାଦକ ସମୀର ଜଟାନିଆ ଏବଂ ନିର୍ବାଚନ କମିଟି ସଦସ୍ୟ ସେଖ୍ ଅଖତର ଅଲ୍ଲୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ସମ୍ପାଦିତ ହୋଇଥିଲା। ସେହିପରି ବାଲିଆପାଳ ଜୋନ୍ ପାଇଁ ସ୍ଥାନୀୟ ଆଜୀବନ ସଦସ୍ୟମାନେ ଡଗରା ସମୁଦ୍ରକୂଳ ସ୍ଥିତ ଏକ ହୋଟେଲ ପରିସରରେ ଆୟୋଜିତ ନିର୍ବାଚନ କାର୍ଯ୍ୟକ୍ରମରେ ଏକାଠି ହୋଇ ୨ ସଦସ୍ୟ ଆଶିଷ ଜେନା ଏବଂ ମନୋଜ ରାଉତଙ୍କୁ ଚୟନ କରିଥିଲେ। କାର୍ଯ୍ୟକ୍ରମକୁ ନିର୍ବାଚନ ଅଧିକାରୀ ଲାଇଜୁ ମିଶ୍ର, ସନ୍ଦୀପ ସାମନ୍ତରାୟ ଏବଂ ସୁଦୀପ ଚକ୍ରବର୍ତ୍ତୀ ପରିଚାଳନା କରିଥିଲେ। ଉଭୟ କାର୍ଯ୍ୟକ୍ରମରେ ବରିଷ୍ଠ ସଦସ୍ୟ ଅରୁଣ ଖଣ୍ଡେଲୱାଲ, ନିଜର ପୋଦ୍ଦାର, ଅଶୋକ ନନ୍ଦ, ବିକାଶ ପୋଦ୍ଦାର ଓ ମନୋଜ ଦାସ ସାହାଯ୍ୟ ଓ ସହଯୋଗ କରିଥିଲେ।

## ସେଲ୍‌ସ ରିପ୍ରେଜେଣ୍ଟେଟିଭ୍ ୟୁନିୟନର ବିକ୍ଷୋଭ

**ଭଦ୍ରକ ଅଫିସ,୨୭।୬**

ଓଡ଼ିଶା ସେଲ୍‌ସ ରିପ୍ରେଜେଣ୍ଟେଟିଭ୍ ୟୁନିୟନ (ଓସ୍ରୁ)ର ଭଦ୍ରକ ଶାଖା ପକ୍ଷରୁ ରବିବାର ଭଦ୍ରକ ସହରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ହୋଟେଲ ପାନ୍ଥିକାଠାରୁ ବାଇକ୍ ଶୋଭାଯାତ୍ରା ବାହାରି ୟୁନିୟନର ବିଭିନ୍ନ ଦାବି ସମ୍ପର୍କିତ ସ୍ଲୋଗାନ ଦେଇ ଚାନ୍ଦବାଲି ବାଇପାସ୍, ଗୋଶାଳା ଛକ ଓ ମେଡିକାଲ ଛକ ହୋଇ ବନ୍ତ ଛକରେ ପହଞ୍ଚିଥିଲା। ୟୁନିୟନର ରାଜ୍ୟ ଯୁଗ୍ମ ସମ୍ପାଦକ ଭାସ୍କର ମିଶ୍ର, ଅରୁଣ ମିଶ୍ର, ସୂର୍ଯ୍ୟନାରାୟଣ ପାଣିଗ୍ରାହୀ, ଭଦ୍ରକ ଶାଖା ସଭାପତି ଦେବକାନ୍ତ ରାଉତ, ସମ୍ପାଦକ ରବୀନ୍ଦ୍ର ପାଣିଗ୍ରାହୀ, କୋଷାଧ୍ୟକ୍ଷ ସୌମ୍ୟରଞ୍ଜନ ସାହୁ, ବସନ୍ତ ନାୟକ ପ୍ରମୁଖ ଯୋଗଦେଇ ଉତ୍ପାଦନ ଖର୍ଚ୍ଚ ଅନୁଯାୟୀ ଔଷଧର ମୂଲ୍ୟ ନିର୍ଦ୍ଧାରଣ, ବନ୍ଦ ହୋଇଯାଇଥିବା ସରକାରୀ ପ୍ରତିଷ୍ଠାନକୁ ପୁନଃ ଚାଲୁ, ଅନ୍‌ଲାଇନରେ ଔଷଧ ବିକ୍ରି ବନ୍ଦ, ଔଷଧକୁ ଜିଏସ୍‌ଟିରୁ ବାଦ୍, ରିପ୍ରେଜେଣ୍ଟେଟିଭ୍‌ମାନଙ୍କ ମାସିକ ଦରମା ସର୍ବନିମ୍ନ ୨୬ହଜାର ଟଙ୍କା ପ୍ରଦାନ ଆଦି ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ।

## ସମବାୟ ନିର୍ଦ୍ଦେଶକ ଭାବେ ଜିତିଲେ ଶକ୍ତିପଦ


ସମବାୟ ନିର୍ବାଚନରେ ବିଜୟୀ ବିଜେଡି ସମର୍ଥିତ ପ୍ରାର୍ଥୀମାନେ।

**ବାଲେଶ୍ୱର ଅଫିସ,୨୭।୬**

ବାଲେଶ୍ୱର ସଦର ବ୍ଲକ ଅଧୀନ ତଳମାଳ ଗୋପୀନାଥପୁର ସମବାୟ ସମିତି ନିର୍ବାଚନରେ ବିଜେଡି ସମର୍ଥିତ ସମସ୍ତ ପ୍ରାର୍ଥୀ ବିଜୟ ଲାଭ କରିଛନ୍ତି। ୧୫ଟି ଜୋନ୍‌ରେ ବିଭକ୍ତ ଏହି ସମବାୟ ସମିତିର ଭୋଟର ସଂଖ୍ୟା ୭୨୯। ବିଜେଡି ସମର୍ଥିତ ପ୍ରାର୍ଥୀ ସ୍ଥାନୀୟ ସରପଞ୍ଚ କମଳ ଲୋଚନ ପରିଡ଼ାଙ୍କ ନେତୃତ୍ୱରେ ୧୫ଟି ଜୋନ୍‌ରେ ଦଳୀୟ ପ୍ରାର୍ଥୀମାନେ ବିଜୟ ଲାଭ କରିଛନ୍ତି। ଏଥିପାଇଁ ଦଳ ପକ୍ଷରୁ ସରପଞ୍ଚ ପରିଡ଼ାଙ୍କୁ ଶୁଭେଚ୍ଛା ଜଣାଯାଇଛି। ବାଲେଶ୍ୱର ନିର୍ବାଚନମଣ୍ଡଳୀର ଜଣାଶୁଣା ଯୁବନେତା ଶକ୍ତିପଦ ରାୟ ସଦର ବ୍ଲକ ଅଧୀନ ତଳମାଳ ଗୋପୀନାଥପୁର ସମବାୟ ସମିତିରେ ନିର୍ଦ୍ଦେଶକ ଭାବେ ବିଜୟୀ ହୋଇଛନ୍ତି। ଉକ୍ତ ସମବାୟ ସମିତି ଅଧୀନରେ ଥିବା ୧୩ନଂ. ଜୋନ୍‌ର ମୋଟ୍ ୬୨ ଭୋଟ ଥିବାବେଳେ ରାୟ ୫୧ ଖଣ୍ଡ ଭୋଟ୍ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଯୋଗେନ୍ଦ୍ର ପରିଡ଼ାଙ୍କୁ ପରିଜିତ କରିଥିବା ସୂଚନା ମିଳିଛି।

# ନିଶାଦ୍ରବ୍ୟର କୁପ୍ରଭାବକୁ ନେଇ ସଚେତନତା

**ବାରିପଦା ଅଫିସ,୨୭।୬**

ମୟୂରଭଞ୍ଜ ଜିଲା ପ୍ରଶାସନ ତତ୍ତ୍ୱାବଧାନରେ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ, ଜିଲା ଅବକାରୀ ବିଭାଗ ଓ ଜିଲା ଆରକ୍ଷୀ ବିଭାଗ ମିଳିତ ଆନୁକୂଲ୍ୟରେ ଆନ୍ତର୍ଜାତିକ ନିଶା ନିବାରଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳ ୯ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସଚେତନତା ଶୋଭାଯାତ୍ରାକୁ ଜିଲା ଆଇନ ପ୍ରାଧୀକରଣ ସଚିବ ସୌମ୍ୟସ୍ୱରୂପ ସାହୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରାରେ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ, ଜିଲା ଅବକାରୀ ବିଭାଗ ଓ ଜିଲା ଆରକ୍ଷୀ ବିଭାଗ, ଆରଡିଏସି, ପ୍ରତିଜ୍ଞା ନିଶା ନିବାରଣ କେନ୍ଦ୍ର, ଚାଇଲ୍ଡ ଲାଇନର ସ୍ୱେଚ୍ଛାସେବୀ ମାନେ ଅଂଶଗ୍ରହଣ କରିଥିବା ବେଳେ ଶୋଭାଯାତ୍ରା ବାରିପଦା ସହର ପରିକ୍ରମା କରିଥିଲା। ପରେ ଶହୀଦସ୍ମୃତି ଭବନ ସଭାଗୃହରେ ଏକ ସଚେତନତା ସଭା ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲା ଆଇନସେବା ପ୍ରାଧିକରଣ ସଚିବ ସୌମ୍ୟସ୍ୱରୂପ ସାହୁ, ସମ୍ମାନିତ ଅତିଥି ଭାବେ ଜିଲା ଅବକାରୀ ଅଧିକ୍ଷକ ଅଶୋକ କୁମାର ସେଟ, ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଜ୍ଞାନରଞ୍ଜନ ମହାନ୍ତି ଏବଂ ମୁଖ୍ୟବକ୍ତା ଭାବେ ଆରଡିଏସି ସଂସ୍ଥାର ସମ୍ପାଦକ ବିଜୟ କୁମାର ବେହେରା ଯୋଗଦେଇଥିଲେ। ଆରଡିଏସି ଦ୍ୱାରା ପରିଚାଳିତ ନିଶାମୁକ୍ତି ଓ ଥଇଥାନ କେନ୍ଦ୍ରର ପୂର୍ବ ନିଶାସକ୍ତ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇଥିବାରୁ ତପନ କୁମାର ସିଂ ବାବୁ ଓ ଗୋଲକ ମାନସିଂ ଙ୍କୁ ଉତ୍ତରୀୟ ,ପୁଷ୍ପଗୁଚ୍ଛ ସହିତ ନଗଦ ଅର୍ଥରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।

# ସମନ୍ୱିତ କୃଷି ହିତାଧିକାରୀଙ୍କ ଦକ୍ଷତା ବୃଦ୍ଧି ତାଲିମ



ତାଲିମ ଶିବିରରେ ଉପସ୍ଥିତ ଅଧିକାରୀ।

**ଭଦ୍ରକ ଅଫିସ, ୨୭।୬**

ଭଦ୍ରକ କୃଷି ବିଜ୍ଞାନ କେନ୍ଦ୍ରଠାରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ରାଜ୍ୟ ଯୋଜନାରେ ସମନ୍ୱିତ କୃଷିର ବିକାଶ ପାଇଁ ହିତାଧିକାରୀମାନଙ୍କୁ ନେଇ ଦକ୍ଷତା ବୃଦ୍ଧି ତାଲିମ ଓ ପରିଭ୍ରମଣ କାର୍ଯ୍ୟକ୍ରମ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଜିଲା କୃଷି ଅଧିକାରୀ ଉଦିତ କୁମାର ରାୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ଶୁଭେନ୍ଦୁ କୁମାର ମିଶ୍ର ଓ ଉଦ୍ୟାନ କୃଷି ସହ ନିର୍ଦ୍ଦେଶକ ଉର୍ମିଳା ମହାପାତ୍ର, ସହକାରୀ କୃଷି ନିର୍ଦ୍ଦେଶକ ଶ୍ରୀଧର ଦାସ ଚାଷୀମାନଙ୍କୁ ଉଦ୍ୟାନ କୃଷି ସମ୍ପର୍କିତ ବିଭିନ୍ନ ସରକାରୀ ଯୋଜନା ବିଷୟରେ ପରାମର୍ଶ ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ. ଅରବିନ୍ଦ ଦାସ ଓ ମତ୍ସ୍ୟ ବୈଜ୍ଞାନିକ ବିଶ୍ୱରଞ୍ଜନ ସାମନ୍ତରାୟ ବିଭିନ୍ନ ବୈଜ୍ଞାନିକ କୌଶଳ ତାଲିମ ପ୍ରଦାନ କରିଥିଲେ। ଅଧିକାରୀମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ୩୦ ଚାଷୀଙ୍କୁ କୃଷି ବିଜ୍ଞାନ କେନ୍ଦ୍ରରେ ପ୍ରତିଷ୍ଠା କରାଯାଇଥିବା ଏକ ମଡେଲ ସମନ୍ୱିତ କୃଷି ପ୍ରକଳ୍ପ ବୁଲାଇ ଦେଖାଇଥିଲେ।

# ଅବସର ପରେ ବି ବ୍ୟସ୍ତ ସୁଦାମ ସାର୍

**ଖଇରା,୨୭।୬(ଡି.ଏନ.ଏ.)**

### କଳା ସାହିତ୍ୟ, ସଂସ୍କୃତିର ସୁରକ୍ଷା ଲାଗି ଚଳାଇଛନ୍ତି ପ୍ରୟାସ


ସୁଦାମ ରାଉତ।

ବାଲେଶ୍ୱର ଜିଲା ଗୋବିନ୍ଦପୁର ଗ୍ରାମ ପଞ୍ଚାୟତ ବଳଭଦ୍ରପୁର ଗ୍ରାମର ସୁଦାମ ରାଉତଙ୍କୁ କିଏ ନ ଜାଣେ । ସୂର୍ଯ୍ୟୋଦୟ ଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ବିଭିନ୍ନ ସଙ୍ଗଠନ ବିସ୍ତାରରେ ହେଉ କି ଧର୍ମାଲୋଚନାରେ ହେଉ ନିଜର ସମୟକୁ ଅନ୍ୟମାନଙ୍କ ସେବାରେ ଅତିବାହିତ କରିଥାନ୍ତି। ପେଶାରେ ଜଣେ ଶିକ୍ଷକ ହୋଇଥିବା ବେଳେ ଅବସର ଗ୍ରହଣ ପରେ ଖଇରା ଅଞ୍ଚଳରେ କଳା ସାହିତ୍ୟ ଓ ସଂସ୍କୃତିକୁ ଉଜ୍ଜିବିତ କରି ରଖିବା ପାଇଁ ଅହରହ ପ୍ରୟାଶ ଜାରି ରଖିଛନ୍ତି। ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ ସେ ଖଇରା ଅଞ୍ଚଳର ଶିକ୍ଷା ସଂସ୍କୃତି ସହ ଜଡିତ ଥିବା ସଙ୍ଗଠନକୁ ସୁଦୃଢ଼ କରିବା ସହ ସାମାଜିକ ବିକାଶପାଇଁ ଉଦ୍ୟମ ଜାରି ରଖିବେ ବୋଲି କହିଛନ୍ତି।

୧୯୫୩ରେ ଜନ୍ମିତ ସୁଦାମ ବାପା ଉପେନ୍ଦ୍ର ଓ ମା' ରମ୍ଭାମଣିଙ୍କ ହାତଧରି ବିଦ୍ୟାଶିକ୍ଷା ଆରମ୍ଭ କରିଥିଲେ। ଶ୍ରୀରାମପୁର ନିମ୍ନ ପ୍ରାଥମିକ ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷା, ଔପଦା ହାଇସ୍କୁଲରୁ ମାଟ୍ରିକ, ସୋର ଉପେନ୍ଦ୍ର ନାଥ ମହାବିଦ୍ୟାଳୟରୁ ବିଏ ଏବଂ ବାଲେଶ୍ୱର ପ୍ରଶିକ୍ଷଣ ବିଦ୍ୟାଳୟରୁ ବିଏଡ ପାଶ କରିବା ପରେ ୧୯୭୩ରେ ପଳାସପୁର ହାଇସ୍କୁଲରେ ଶିକ୍ଷକତା ଆରମ୍ଭ କରିଥିଲେ। ଶିକ୍ଷକତା ସହ ନାଟକ ଲେଖିବା ନିର୍ଦ୍ଦେଶନା ଦେବା ଓ ଅଭିନୟ କରିବା ମଧ୍ୟ ଆରମ୍ଭ କରିଥିଲେ। ନାଟକ ମଧ୍ୟରୁ ଦୁଃଖର ଅବସାନ, ବୀରପୁତ୍ରର ଚକ୍ରଛାୟା ବେଶ୍ ଆଦୃତି ଲାଭ କରିଥିଲା । ମା' ଅପର୍ଣ୍ଣା ଗଣନାଟ୍ୟ ନାମରେ ଏକ ଯାତ୍ରାପାର୍ଟି ଗଢ଼ି ବିଭିନ୍ନ ଅଞ୍ଚଳକୁ ଯାଇ ନାଟକ ମଞ୍ଚସ୍ଥ କରି କଳାର ପ୍ରଚାର ପ୍ରସାର କରିବାରେ ନିଜକୁ ସାମିଲ କରିଥିଲେ। ସିଡି ଚଳଚ୍ଚିତ୍ର ଶ୍ରାବଣୀ ଆଖିରେ ଲୁହ ଓ ବରଷାରାଣିରେ ମଧ୍ୟ ଅଭିନୟ କରିଥିଲେ।

୨୦୧୧ରେ ପଳାଶପୁର ହାଇସ୍କୁଲରୁ ଅବସର ଗ୍ରହଣ କରିବା ପରେ ସାହିତ୍ୟ ଉପରେ ମନୋନିବେଶ କରିଥିଲେ। ୨୦୧୭ରେ ତାଙ୍କ ରଚିତ କବିତା ସଙ୍କଳନ ବିଜୟିନୀ, ଅମୃତ ସ୍ୱପ୍ନ ଭଳି ବହୁ ପୁସ୍ତକ ଜନାଦୃତ ହୋଇଥିଲା। ବଳଭଦ୍ରପୁର ଉପେନ୍ଦ୍ର ପ୍ରସାଦ ବିଦ୍ୟାଳୟ, ଦର୍ଶନ ପ୍ରସାଦ ମଇ ସ୍କୁଲ, ସରସ୍ୱତିଆ ମଧ୍ୟଇଂରାଜୀ ସ୍କୁଲ, ବାରିକସାହି ସଂସ୍କୃତ ବିଦ୍ୟାଳୟ, ମଙ୍ଗଳପଡା ଉଚ୍ଚ ବିଦ୍ୟାଳୟ, କୁନ୍ତଳାକଲ୍ୟାଣି ସାହିତ୍ୟ ସଂସଦ, ସ୍ୱାଗତିକା ସେବା ସଂଘ ଶ୍ରୀରାମପୁର, ପୂଜ୍ୟପୂଜା ସଂସଦ ବୁଢ଼ାଗଡ଼ଆ ଭଳି ଏକାଧିକ ସଂଗଠନ ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଡିତ ରହି ଅନୁଷ୍ଠାନର ଗରିମା ବଢ଼ାଇବାକୁ ଉଦ୍ୟମ ଜାରି ରଖିଛନ୍ତି। ଶିକ୍ଷୟିତ୍ରୀ ପତ୍ନୀ କୁନ୍ତଳା ମହାରଥାଙ୍କର ମଧ ଯଥେଷ୍ଟ ଅବଦାନ ରହିଥିବା ନେଇ ସେ କହିଛନ୍ତି। ନିଜର ଦରମା ଏବଂ ପେନସନ ଅର୍ଥରୁ ଜୀବନକାଳ ମଧ୍ୟରେ ୧ହଜାରରୁ ଉର୍ଦ୍ଧ୍ୱ ଗରିବ ପିଲାଙ୍କୁ ଖାତାବହି ଦେବା ସହ ଉଚ୍ଚଶିକ୍ଷା ପାଇଁ ମୁକ୍ତହସ୍ତରେ ସହଯୋଗ କରିଛନ୍ତି। ତାଙ୍କର ଏହି ଉଲ୍ଲେଖନୀୟ ସେବା ପାଇଁ ବିଭିନ୍ନ ସଂଗଠନ ଓ ଅନୁଷ୍ଠାନ ପକ୍ଷରୁ କୁଳଗୁରୁ ବଶିଷ୍ଟ, ଶିକ୍ଷକ ଜାତିର ହିରା, କର୍ମଜିବୀ ଶିକ୍ଷକରତ୍ନ, ଶିକ୍ଷକ କୁଳର ଧ୍ରୁବତାରା, ଶ୍ରେଷ୍ଠ ସ୍ରଷ୍ଟା, କାନ୍ତକବି ଲକ୍ଷ୍ମୀକାନ୍ତ, ବ୍ୟାସକବି, ଯୋଗଧର୍ମୀ ସାହିତ୍ୟକ ସମ୍ମାନ ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଛି ,ପ୍ରଜାତନ୍ତ୍ର ବିଷୁବ ମିଳନ ଉତ୍ସବରେ ତାଙ୍କୁ ଶ୍ରେଷ୍ଠ ଅଭିନେତା ସମ୍ମାନ ପ୍ରଦାନ,ମା' ଚର୍ଚ୍ଚିକା ସାହିତ୍ୟ ସଂସଦ ବାଙ୍କି ପକ୍ଷରୁ ଶ୍ରେଷ୍ଠ କବି ସମ୍ମାନ ସ୍ମରଣିୟ ଘଟଣା ବୋଲି କହନ୍ତି। ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଧର୍ମ ପ୍ରଚାର ତାଙ୍କୁ ଆତ୍ମତୃପ୍ତି ଦେବା ସହ ବଞ୍ଚିବାକୁ ବାଟ ଦେଖାଉଥିବା କହିଛନ୍ତି। ବିଭିନ୍ନ ସଂଗଠନ ଓ ଅନୁଷ୍ଠାନରେ ରହି ବର୍ତ୍ତମାନ ଦିଗଭ୍ରଷ୍ଟ ଯୁବ ସମାଜକୁ ମୁଖ୍ୟ ସ୍ରୋତରେ ସାମିଲ କରି ଏକ ସୁସ୍ଥ ସମାଜ ଗଠନ କରିବା ତାଙ୍କର ମୁଖ୍ୟଲକ୍ଷ୍ୟ ବୋଲି କହିଛନ୍ତି ।

## ସଂକ୍ଷେପରେ

### ଜିଏସ୍‌ଟି ଠକେଇ ନେଇ ୫ ସ୍ଥାନରେ ଚଢ଼ାଉ

**ଉଦଳା, ୨୭।୬ (ଡି.ଏନ.ଏ.):** ଜିଏସ୍‌ଟି ଠକେଇ ନେଇ ମୟୂରଭଞ୍ଜ ଜିଲାରେ ଏକକାଳୀନ ୫ଟି ସ୍ଥାନରେ ସୋମବାର ଚଢ଼ାଉ କରାଯାଇଛି। ଉଦଳା, ଖୁଣ୍ଟା, କପ୍ତିପଦା, ବଡସାହି ଏବଂ ରାଇରଙ୍ଗପୁରଠାରେ ୯ଟି ଟିମ୍‌ରେ ୨୬ଜଣ କର୍ମଚାରୀ ଚଢ଼ାଉ କରିଛନ୍ତି। ବାରିପଦା, ବାଲେଶ୍ୱର, ଯାଜପୁର, ବଡ଼ବିଲ ଏବଂ କଟକ ଜିଏସ୍‌ଟି ବିଭାଗ ପକ୍ଷରୁ ମିଳିତ ଭାବେ ଏହି ଚଢାଉ କରାଯାଇଛି। ଉଦଳାରେ ଥିବା ପ୍ରମିଳା ଏବଂ ଚଣ୍ଡୀ ଏଣ୍ଟରପ୍ରାଇଜର୍ସ ଦୋକାନରେ ଚଢ଼ାଉ କରାଯାଇଥିଲା। ୨୦୧୭ରୁ ୫ ବର୍ଷ ପର୍ଯ୍ୟନ୍ତ ପ୍ରମିଳା ଏଣ୍ଟରପ୍ରାଇଜର୍ସରେ ହୋଇଥିବା ଜିଏସ୍‌ଟି ଠକେଇର ତନାଘନା କରୁଛି ବିଭାଗ। ପ୍ରାଥମିକ ଭାବେ କୋଟି କୋଟି ଟଙ୍କାର ଜିଏସ୍‌ଟି ଠକେଇ ହୋଇଥିବା ଚଢ଼ାଉ ବେଳେ ଜଣାପଡ଼ିଛି। ରିପୋର୍ଟ ଲେଖା ହେବା ବେଳକୁ ଚଢ଼ାଉ ଜାରି ରହିଥିବା ବେଳେ ବ୍ୟାପକ ଦସ୍ତାବିଜ ଯାଞ୍ଚ ଚାଲିଥିବା ବାରିପଦା ଜିଏସ୍‌ଟି ବିଭାଗ ଡେପୁଟି କମିଶନର କୁଳମଣି ମଲ୍ଲିକ କହିଛନ୍ତି।

### ସମବାୟ ନିର୍ବାଚନରେ ବିଜେଡିର ବାଜିମାତ୍

**ଧାମନଗର,୨୭।୬(ଡି.ଏନ.ଏ):** ଭଦ୍ରକ ଜିଲା ଧାମନଗର ବ୍ଲକରେ ଦ୍ୱିତୀୟ ପର୍ଯ୍ୟାୟ ସମବାୟ ସମିତି ନିର୍ବାଚନ ରବିବାର ଶେଷ ହୋଇଛି। ବ୍ଲକର ୧୨ ସେବା ସମବାୟ ସମିତି ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୮ଟି ପାଇଁ ନିର୍ବାଚନ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ବରଗଡ଼ା, କୋଠାର ଓ ଧୁଷୁରୀ ପାଳସାହି ସମବାୟ ସମିତିରେ ନିର୍ବାଚନ ହୋଇ ଅପରାହ୍ନ ୫ଟାଠାରୁ ଗଣତି ଆରମ୍ଭ ହୋଇଥିଲା। ଏଥିରେ ଗୋବିନ୍ଦପୁର ପଞ୍ଚାୟତର ବରଗଡ଼ା ସମିତିର ୧୫ ସଭ୍ୟ ପଦବୀରୁ ୧୪ଟି ଆସନ ବିଜେଡି ହାତେଇଥିବା ବେଳେ ଗୋଟିଏ ଭାଜପା ଅକ୍ତିଆର କରିଛି। ସେହିପରି କୋଠାର ସମିତିରେ ୧୫ଟି ଆସନ ବିଜେଡି ଦଖଲ କରିଛି। ସବୁଠାରୁ ଚର୍ଚ୍ଚାରେ ଥିବା ପାଳସାହି ସମିତିର ୧୪ପଦବୀରୁ ୧୨ ଟି ବିଜେଡି ଅକ୍ତିଆର କରିଥିବା ବେଳେ ୨ଟି ଅସନ୍ତୁଷ୍ଟ ବିଜେଡି ହାତକୁ ଯାଇଛି। ଏହି ସମିତିରେ ଗୋଟିଏ ଆସନ ଅନୁସୂଚିତ ଜାତି ପାଇଁ ସଂରକ୍ଷଣ ଥିବାରୁ ସେଠାରେ କେହି ନାମାଙ୍କନ ଦାଖଲ କରି ନ ଥିବାରୁ ସେଠାରେ ନିର୍ବାଚନ ହୋଇ ନ ଥିଲା। ପ୍ରକାଶଥାଉକି, ପ୍ରଥମ ପର୍ଯ୍ୟାୟରେ ୮ ସମିତିର ପରିଚାଳନା ପରିଷଦର ସଭ୍ୟ ପଦବୀ ବିଜେଡି ହାତରେ ଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ୩ ସମିତିରେ ମଧ ଦଳ ଦଖଲ କରିଛି। ଧାମନଗର ସମିତିର ନିର୍ବାଚନ ହୋଇନାହିଁ। ଏଠାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ନିର୍ବାଚନ ବନ୍ଦ ରହିଛି।

### ଶିକ୍ଷକଙ୍କ ମାଡ଼ରେ ଛାତ୍ର ଗୁରୁତର

**ବାଲେଶ୍ୱର ଅଫିସ,୨୭।୬:** ବାଲେଶ୍ୱର ସହର ଜିଲା ସ୍କୁଲ୍‌ରେ ଶିକ୍ଷକଙ୍କ ମାଡ଼ରେ ଜଣେ ଛାତ୍ର ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ନବମ ଶ୍ରେଣୀରେ ପଢୁଥିବା ଉକ୍ତ ଛାତ୍ର ଜଣକ ହାତରେ ରକ୍ଷା ସୂତ୍ର ବାନ୍ଧିଥିବାରୁ ଜନୈକ ଶିକ୍ଷକ ତାଙ୍କ ମୁଣ୍ଡ ଓ ଗାଲକୁ ମାଡ଼ ମାରିଥିଲେ। ଫଳରେ ଛାତ୍ର ଜଣକ ସ୍କୁଲ୍‌ରେ କିଛି ସମୟ ଅଚେତ୍ ହୋଇ ପଡ଼ି ଯାଇଥିଲେ। ପରେ ଛାତ୍ରଙ୍କ ପରିବାର ଲୋକଙ୍କୁ ଖବର ଦିଆଯିବା ସହ ମେଡିକାଲ ନିଆଯାଇଥିଲା। ତେବେ ଚିକିତ୍ସା ପରେ ଛାତ୍ର ଜଣକ ସୁସ୍ଥ ହୋଇ ଘରକୁ ଫେରିଥିବା ସୂଚନା ମିଳିଛି।

### ଷ୍ଟେଶନରୁ ନାବାଳକ ଉଦ୍ଧାର

**ରୂପସା,୨୭।୬(ଡି.ଏନ.ଏ.):** ଦକ୍ଷିଣ ପୂର୍ବ ରେଲୱେର ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ରୂପସା ରେଳ ଷ୍ଟେଶନରୁ ସୋମବାର ଜଣେ ଅଣ ଓଡ଼ିଆ ନାବାଳକଙ୍କୁ ଚାଇଲ୍ଡ ଲାଇନ ଉଦ୍ଧାର କରିଛି। ସେ ଉତ୍ତରପ୍ରଦେଶର ବହାରଚି ଜିଲ୍ଲା ରାଣୀପୁର ଗ୍ରାମର ବୋଲି ଜଣାପଡ଼ିଛି। ଚାଇଲ୍ଡ ଲାଇନର ଜିଲା ମୁଖ୍ୟ ପ୍ରଶାନ୍ତ ରାଉତ ନିଜ ଟିମ ସହିତ ପହଞ୍ଚି ତାଙ୍କୁ ଉଦ୍ଧାର କରିବା ସହିତ ଜିଲା ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରିଛନ୍ତି।

### ରେଣୁପଦା ଗାଁରେ ଅଗ୍ନିକାଣ୍ଡ

**ବସ୍ତା,୨୭।୬(ଡି.ଏନ.ଏ.):** ବସ୍ତା ବ୍ଲକ ଅଧୀନ ରେଣୁପଦା ଗ୍ରାମରେ ଅଗ୍ନିକାଣ୍ଡ ଘଟି ସରୋଜ ମହାପାତ୍ରଙ୍କ ଘର ପୋଡ଼ିଯାଇଛି। ବିଦ୍ୟୁତ୍ ସଟ ସର୍କିଟ୍‌ରୁ ଏହି ନିଆଁ ଲାଗିଥିବା କୁହାଯାଉଛି। ଖବରପାଇ ବସ୍ତା ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ।

# ଶ୍ରମ ବିଭାଗରେ ଜାଲିଆତି

**ବାଲେଶ୍ୱର ଅଫିସ,୨୭।୬**



ଜିଲାପାଳଙ୍କ ଅଫିସ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

- ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର
- ଅଧିକାରୀଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ ଦାବି

ବାଲେଶ୍ୱର ଜିଲା ଶ୍ରମ କାର୍ଯ୍ୟାଳୟରେ ବେଆଇନ ଭାବେ ନିର୍ମାଣ ଶ୍ରମିକ କାର୍ଡ ପ୍ରସ୍ତୁତ କରି ଲୋକଙ୍କୁ ଯୋଗାଇ ଦିଆଯାଇଛି। ବିଶେଷ କରି କରୋନା ସମୟରେ ଏଭଳି ଜାଲିଆତି ହୋଇଥିବା ଅଭିଯୋଗ ହୋଇଛି। ଏମିତି ଜାଲିଆତିର ତୁରନ୍ତ ତଦନ୍ତ କରିବା ସହ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ ଦାବି କରିଛି ସାମାଜିକ ନ୍ୟାୟ ଅଧିକାର ମଞ୍ଚ। ମଞ୍ଚ କର୍ମକର୍ତ୍ତା ସୋମବାର ଗାନ୍ଧି ସ୍ମୃତି ଭବନଠାରୁ ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ ଅଫିସ୍ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲା ଶ୍ରମ ବିଭାଗରେ ହୋଇଥିବା ଜାଲିଆତି ସମ୍ପର୍କରେ ମଞ୍ଚର ସଭାପତି ବିଧାନ ଚନ୍ଦ୍ର ଜେନା ସୂଚନା ଦେଇଥିଲେ। ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳ ଆନନ୍ଦ ଚନ୍ଦ୍ର ସେଠୀଙ୍କ ଜରିଆରେ ୬ଦଫା ଦାବି ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇଥିବା ଜଣାପଡ଼ିଛି।

ମିଳିଥିବା ସୂଚନା ଅଧିକାର ଆଇନ ଅନୁସାରେ ଗତ ୨୦୨୨ ଅପ୍ରେଲ ମାସ ସୁଦ୍ଧା ଜିଲାରେ ମୋଟ୍ ୧ଲକ୍ଷ ୮୭ହଜାର ୬୪ଜଣ ନିର୍ମାଣ ଶ୍ରମିକଙ୍କୁ ପଞ୍ଜିକୃତ କରାଯାଇଛି। ସେଥିମଧ୍ୟରୁ ମହାମାରୀ କରୋନା ସମୟରେ ଦେଶରେ ଲକଡାଉନ୍ ଓ ସଟଡାଉନ୍ ଜାରି ରହିଥିବା ବେଳେ ଗତ ୨୦୨୦ ମାର୍ଚ୍ଚ ୨୫ରୁ ୨୦୨୦ ଡିସେମ୍ବର ୩୧ ତାରିଖ ମଧ୍ୟରେ ବାଲେଶ୍ୱର ଜିଲା ଶ୍ରମ କାର୍ଯ୍ୟାଳୟରେ ମୋଟ୍ ୫୨,୧୧୭ ଜଣ ହିତାଧିକାରୀଙ୍କୁ ନିର୍ମାଣ ଶ୍ରମିକ କାର୍ଡ ପ୍ରଦାନ କରାଯାଇଛି। ଏଥିପାଇଁ ରାଜ୍ୟସରକାରଙ୍କ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡରୁ ଶ୍ରମିକ ପିଲାମାନଙ୍କ ପାଠ ପଢ଼ା, ଝିଅ ବାହାଘର, ସ୍ତ୍ରୀଙ୍କ ଗର୍ଭାବସ୍ଥା, ମୃତ୍ୟୁକାଳୀନ ଓ ଅନ୍ତିମ ସଂସ୍କାର ନିମନ୍ତେ ଆର୍ଥିକ ସହାୟତା ପାଇଁ ଜିଲା ଶ୍ରମ ବିଭାଗକୁ ୧୭ କୋଟି ଟଙ୍କା ଆସିଥିଲା। ସେଥିମଧ୍ୟରୁ ବିଭିନ୍ନ ସହାୟତାରେ ମାତ୍ର ୩୯ଲକ୍ଷ ଟଙ୍କା ହିତାଧିକାରୀମାନଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଥିବା ବେଳେ ଆବେଦନ କରିଥିବା ବହୁ ହିତାଧିକାରୀ ଏଥିରୁ ବଞ୍ଚିତ ରହିଥିବା ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଛି। ପ୍ରକୃତ ହିତାଧିକାରୀଙ୍କୁ ସହାୟତା ପ୍ରଦାନ ନ କରି ଅଧିକାରୀମାନେ ଦଲାଲମାନଙ୍କ କଥାରେ ଚକ୍ରାନ୍ତ ପୂର୍ବକ ବେଆଇନ ଭାବେ ଅର୍ଥ ବାଣ୍ଟି ଥିବା ଜଣାପଡ଼ିଛି। ପୂର୍ବରୁ ପୂର୍ବତନ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏହାର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲା ଶ୍ରମ ବିଭାଗ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ଭାବେ ଦଲାଲମାନଙ୍କ କବ୍‌ଜାରେ ରହିଥିବା ବେଳେ ଅଧିକାରୀମାନେ ସେମାନଙ୍କ କଥାରେ ନିର୍ମାଣ ଶ୍ରମିକ କାର୍ଡ ସମ୍ପୂର୍ଣ୍ଣ ଜାଲିଆତି କରୁଥିବା ସାମାଜିକ ନ୍ୟାୟ ଅଧିକାର ମଞ୍ଚ ଅଭିଯୋଗ କରିଛି। ଏଥିପାଇଁ ବହୁ ପ୍ରକୃତ ହିତାଧିକାରୀ ସରକାରୀ ସହାୟତାରୁ ବଞ୍ଚିତ ହେଉଛନ୍ତି। ଭିଜିଲାନ୍ସ ତଦନ୍ତ ହେଲେ ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ ବୋଲି ମଞ୍ଚ ଦାବି କରିଛି।

ବିକ୍ଷୋଭ ପ୍ରଦର୍ଶନ ବେଳେ ମଞ୍ଚର ସାଧାରଣ ସମ୍ପାଦକ ମଙ୍ଗ ସିଂ, ନୂଆପାଡ଼ି ପୂର୍ବତନ ସରପଞ୍ଚ ବସନ୍ତ ସିଂ, ଶ୍ୟାମ ସିଂ, ରୁହିଆ ସିଂ, ପୁରିଆ ସିଂ, କାର୍ତ୍ତିକ ସିଂ, ରୂପା ସିଂ, ନୁରୁମଣୀ ସିଂ, କନକ ସିଂ, ସୋମବାରୀ ସିଂ ପ୍ରମୁଖ ସାମିଲ ଥିଲେ। ଆସନ୍ତା ୧ମାସ ମଧ୍ୟରେ ପ୍ରକୃତ ହିତାଧିକାରୀ ନିର୍ମାଣ ଶ୍ରମିକ କାର୍ଡ଼ ପ୍ରଦାନ କରା ନ ଗଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦିଆଯାଇଛି। ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ ବୃନ୍ଦାବନ ସେଠୀ କୁହନ୍ତି, ଅଳ୍ପ କିଛିଦିନ ପୂର୍ବରୁ ଜିଲାରେ ଦାୟିତ୍ୱ ନେଇଥିବା କାରଣରୁ ପୂର୍ବରୁ କରୋନା ସମୟରେ ହୋଇଥିବା ନିର୍ମାଣ ଶ୍ରମିକ କାର୍ଡ଼ ସମ୍ପର୍କରେ ସଠିକ୍ ଭାବେ ଜଣା ନାହିଁ। ହୋଇଥିବା ବିକ୍ଷୋଭ ଓ ଅଭିଯୋଗ ସମ୍ପର୍କରେ ତଦନ୍ତ କଲେ ସତ୍ୟାସତ୍ୟ ଜଣାପଡ଼ିବ।

### ୮୭ ଅଭିଯୋଗର ହେଲା ଶୁଣାଣି

**ଉଦଳା, ୨୭।୬(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା କପ୍ତିପଦା ଉପଖଣ୍ଡ ଉଦଳାଠାରେ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଅଛି। ମୟୂରଭଞ୍ଜ ଜିଲାପାଳ ବିନୀତ ଭରଦ୍ୱାଜ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେଶ ଚନ୍ଦ୍ର ପାତ୍ର ଯୋଗଦେଇ ୮୭ ଅଭିଯୋଗର ଶୁଣାଣି କରିଥିଲେ। ଉପଖଣ୍ଡ ଉପଜିଲାପାଳ ଭଗବାନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଦେବଦତ୍ତ ପଣ୍ଡା, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସାର୍ଥକ ରାୟ, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ କମଳାକାନ୍ତ ନାୟକ ଯୋଗଦେବା ସହିତ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ସମେତ ଉପଖଣ୍ଡ ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସମସ୍ତ ଅଭିଯୋଗ ଶୁଣାଣି ମଧ୍ୟରେ ୮୭ ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଥିବା ବେଳେ ୯ଟି ସାମୁହିକ ସମସ୍ୟା ଭିତ୍ତିକ। ସେଥିମଧ୍ୟରୁ ଚାରୋଟି ତତ୍କାଳ ସମାଧାନ କରାଯାଇ ଦୁଇ ଜଣଙ୍କୁ ଚିକିତ୍ସା ନିମନ୍ତେ ଜିଲା ରେଡ୍‌କ୍ରସ ପାଣ୍ଠିରୁ ଦଶ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ସହକାରୀ ଉପଜିଲାପାଳ ମନୋଜ କୁମାର ସାହୁଙ୍କ ପରିଚାଳନାରେ ହୋଇଥିବା ବେଳେ କାର୍ଯ୍ୟାଳୟର କର୍ମଚାରୀ ରମେଶ ପୃଷ୍ଟି, ଉଷାରାଣୀ ବିନ୍ଧାଣୀ, ଲକ୍ଷ୍ମଣ ରାଉତରାୟ, ଉଦୟ ନାୟକ, ଅଜିତ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ‘ଲୋକଙ୍କ ଜୀବିକାରେ ସହାୟକ ହେବ ବୃକ୍ଷ’



ଚାରାରୋପଣ କାର୍ଯ୍ୟକ୍ରମରେ ବନବିଭାଗ ଅଧିକାରୀଙ୍କ ସହ ଅନ୍ୟମାନେ।

**କେନ୍ଦୁଝର, ୨୭।୬ (ସ୍ୱ.ପ୍ର.)**

#### ପରିବେଶ ସୁରକ୍ଷା ପାଇଁ ମେଗା ଚାରାରୋପଣ

କେନ୍ଦୁଝର ସଦର ବ୍ଲକ କେନ୍ଦୁଆ ଠାରେ ବନ ବିଭାଗ ଓ ସ୍ଥାନୀୟ ସ୍ୱେଚ୍ଛାସେବୀ ତଥା ବନ ସୁରକ୍ଷା ସମିତି ମିଳିତ ଉଦ୍ୟମରେ ୭୩ ତମ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ମେଗା ବନୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ସମୟରେ ଜଙ୍ଗଲ ଓ ସୁସ୍ଥ ପରିବେଶ ଜରୁରୀ। ଏଥିପାଇଁ ବ୍ୟାପକ ପରିମାଣରେ ଚାରା ରୋପଣର ଆବଶ୍ୟକତା ରହିଥିବାରୁ ବନ ବିଭାଗ ପକ୍ଷରୁ ପ୍ରତ୍ୟେକ ବର୍ଷ ବନ ମହୋତ୍ସବ ଆରମ୍ଭ କରିଥାନ୍ତି। ଏହି କାର୍ଯ୍ୟକ୍ରମ ଦୀର୍ଘ ଦିନ ଧରି ଚାଲିଥାଏ। ଏହି ବନୀକରଣରେ ଆମ୍ବ, ଜାମୁ, ପଣସ, କେନ୍ଦୁ ଆଦି ଫଳ ଚାରା ଅଧିକ ଲଗାଯାଇଥିବାରୁ ସ୍ଥାନୀୟ ଲୋକଙ୍କ ଜୀବନଜୀବିକାରେ ସହାୟକ ହୋଇପାରିବ ବୋଲି ସଦର ରେଞ୍ଜର ସୂଚନା ଦେଇଛନ୍ତି।

କାର୍ଯ୍ୟକ୍ରମରେ ନେଲୁଙ୍ଗ ସରପଞ୍ଚ ଚନ୍ଦ୍ରମଣୀ ସିଂ, ବୋଦାପଲାସା ସରପଞ୍ଚ ସୁଧାଂଶୁ ଶେଖର ନାୟକ, ରେଞ୍ଜ ଅଧିକାରୀ ବିଜୟ କୁମାର ମହାନ୍ତ, ଫରେଷ୍ଟର କାଳନ୍ଦି ଚରଣ ସାମଲ, ଫରେଷ୍ଟ ଗାର୍ଡ ମିତ୍ରଭାନୁ ନାୟକ, ଖବରଦାତା ନରେଶ ଚନ୍ଦ୍ର ପଟ୍ଟନାୟକ, ସୁବ୍ରତ ସ୍ୱାଇଁ, ପ୍ରଦୀପ ମହାନ୍ତି, ହେମନ୍ତ ମହାରଣାଙ୍କ ସମେତ ଭାଲୁଘର ବନ ସୁରକ୍ଷା ସମିତି ଏବଂ ଉତ୍ସର୍ଗ କ୍ଲବ ମହାଦେଇପୁରର କର୍ମକର୍ତ୍ତା ସାମିଲ ହୋଇ ବୃକ୍ଷରୋପଣ କରିଥିଲେ। ବିଭିନ୍ନ କିସମର ୩୨୦୦ ଚାରା ରୋପଣ କାର୍ଯ୍ୟ ସୋମବାର ଠାରୁ ଆରମ୍ଭ ହୋଇଛି। ଗତ ବର୍ଷ ବେଲଦା ସଂରକ୍ଷିତ ଜଙ୍ଗଲର କେନ୍ଦୁଆ ଗ୍ରାମର ଉକ୍ତ ସ୍ଥାନରେ ସିଏସ୍‌ଆର ସ୍କିମରେ ୩୨ହଜାର ଚାରା ରୋପଣ କରାଯାଇଥିଲା। ତେବେ ସେଥିମଧ୍ୟରୁ ଯେଉଁ ଚାରା ଗଛ ନଷ୍ଟ ହୋଇଯାଇଥିଲା ସେହି ସ୍ଥାନରେ ଏହି ବନୀକରଣ ହୋଇଛି।

### ପିସିସି ସଭାପତିଙ୍କୁ ସମ୍ବର୍ଦ୍ଧନା

**ବାହାନଗା/ସୋର, ୨୭।୬(ଡି.ଏନ.ଏ.)**

ଜନ ସମ୍ପର୍କ ଅଭିଯାନରେ ଇଞ୍ଚୁଡି ଅଭିମୁଖେ ଯାଉଥିବା ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁରଠାରେ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପରେ ସ୍ଥାନୀୟ କଂଗ୍ରେସ ଭବନ ପରିସରରେ ବାସନ୍ତୀ ସାମଲଙ୍କ ନେତୃତ୍ୱରେ ଏକ ଜନସମ୍ପର୍କ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମଧୁସୁଦନ ମହାପାତ୍ର ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ସୁରେନ୍ଦ୍ର ପରମାଣିକ, ଭଦ୍ରକର ଅନନ୍ତ ସେଠୀ, ପୂର୍ବତନ ବିଷ୍ଣୁପୁର ସମିତିସଭ୍ୟ ସାଧୁଚରଣ ପରିଡ଼ା ,ପଣପଣାର ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର ବେହେରା, ନୂଆପୁର ପଞ୍ଚାୟତର ସରପଞ୍ଚ ଅଟଳ ରାଉତ, ଶ୍ୟାମସୁନ୍ଦର ଯେନା, କୈଳାସ ଶିଅଳ, ମନ୍ମଥ ଶିଅଳ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସୋର କଂଗ୍ରେସ ପକ୍ଷରୁ ଅନନ୍ତପୁରଠାରେ ପିସିସି ସଭାପତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପ୍ରାକ୍ତନ ଭଦ୍ରକ ଏମ୍‌ପି ଅନନ୍ତ ପ୍ରସାଦ ସେଠୀଙ୍କ ସହ ପ୍ରାକ୍ତନ ବିଧାୟକ ସୁରେନ୍ଦ୍ର ପରମାଣିକଙ୍କ ତତ୍ତ୍ୱାବଧାନ ଓ ବ୍ଲକ କଂଗ୍ରେସ ସଭାପତି ଶ୍ରୀକାନ୍ତ ଜେନା, ସୋର ନଗର ସଭାପତି ରୋଜେନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ତାଙ୍କୁ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁବ କଂଗ୍ରେସ ସଭାପତି ଉଦୟନାଥ ପ୍ରଧାନ, ରଜେଶ ମହାପାତ୍ର, ସନ୍ଦୀପ ସେଠୀ, ପାରିଷଦ ଜିତରଞ୍ଜନ ମହାପାତ୍ର ଓ ନିଶାକର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### କବି ପିନାକୀ ମିଶ୍ରଙ୍କୁ ପରାଗ କବିତା ସମ୍ମାନ



**କେନ୍ଦୁଝର, ୨୭।୬(ସ୍ୱ.ପ୍ର.)**

ପରାଗ ସାହିତ୍ୟ ସଂସଦ ତରଫରୁ କବି ପିନାକୀ ମିଶ୍ରଙ୍କୁ ଚଳିତ ବର୍ଷର ପରାଗ କବିତା ସମ୍ମାନ ପ୍ରଦାନ କରାଯାଇଛି। କେନ୍ଦ୍ରାପଡାସ୍ଥିତ ମେଣ୍ଟପୁର ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠାନର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ତଥା ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ପ୍ରାଧ୍ୟାପକ ଶତ୍ରୁଘ୍ନ ପାଣ୍ଡବ, ଅତିଥି ସୁନାମଧନ୍ୟ ଗାଳ୍ପିକ ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, କ୍ଷୀରୋଦ ଦାସ, ସମ୍ପାଦକ ବନମାଳୀ ସେନାପତି, ସଭାପତି ରମେଶ ପଣ୍ଡା ପ୍ରମୁଖ ଯୋଗଦେଇ କବି ଶ୍ରୀମିଶ୍ରଙ୍କୁ ମାନପତ୍ର, ଫଳକ, ଉପଢୌକନ ଦେଇ ସମ୍ବର୍ଦ୍ଧନା କରିଥିଲେ। କବିତାରେ କମନୀୟ ପ୍ରୟୋଗ, ଦିବ୍ୟ ଭାବଗତ କଳାତ୍ମକ ରଚନାଶୈଳୀ ଓ ସମାଜର ସଜଳଚିତ୍ର ପାଇଁ ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ପିନାକୀ ମିଶ୍ରଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା।

### ବସ୍ତା ବ୍ଲକ ସମବାୟ ନିର୍ବାଚନ

**ବସ୍ତା,୨୭।୬(ଡି.ଏନ.ଏ.)**

#### ବିଜେଡି ସମର୍ଥିତ ପ୍ରାର୍ଥୀଙ୍କ ବିପୁଳ ବିଜୟ

ବାଲେଶ୍ୱର ଜିଲା ବସ୍ତା ବ୍ଲକରେ ଦୁଇଟି ପର୍ଯ୍ୟାୟରେ ସେବା ସମବାୟ ସମିତି ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡି ସମର୍ଥିତ ପ୍ରାର୍ଥୀମାନେ ବିପୁଳ ବିଜୟ ହାସଲ କରିଛନ୍ତି। ମୋଟ୍ ୧୨ଟି ସମିତିରୁ ୮ଟିରେ ବିଜେଡି ଓ ୪ଟିରେ କଂଗ୍ରେସ ସମର୍ଥିତ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ମଥାନୀ ସମିତିରେ ୧୧ଜଣ କଂଗ୍ରେସ ଓ ୪ଜଣ ବିଜେଡି, ରାଉତପଡ଼ାରେ ୯ ବିଜେଡି ଓ ୬ ଭାଜପା ସମର୍ଥିତ, ଅମର୍ଦ୍ଦାରୋଡ୍‌ରେ ୧୩ବିଜେଡି ଓ ୨କଂଗ୍ରେସ, ସନ୍ତୋଷପୁରରେ ୧୪ବିଜେଡି ଓ ୧କଂଗ୍ରେସ, ବସ୍ତାରେ କଂଗ୍ରେସ ଓ ବିଜେଡି ମେଣ୍ଟ ସମର୍ଥନରେ ୧୫ଟି, ବ୍ରାହ୍ମଣଦା ଭଗବତୀ ସମିତିରେ ୧୧ବିଜେଡି ଓ ୪କଂଗ୍ରେସ, ପାଉଁଶକୁଲିରେ ୧୧କଂଗ୍ରେସ ମେଣ୍ଟ ଓ ୪ ବିଜେଡି, ମୁକୁଳିସିରେ ୧୩କଂଗ୍ରେସ ଓ ୨ବିଜେଡି, ନାଇକୁଡିରେ ୯କଂଗ୍ରେସ ଓ ୫ ବିଜେଡି ଏବଂ ଭାଜପା ୧, ସାହାଡାରେ ୧୫ଟି ଯାକ ବିଜେଡି, ଶୀତଳା ସମିତିରେ ୯ବିଜେଡି ଓ ୬କଂଗ୍ରେସ, ରଘୁନାଥପୁରରେ ୧୨ବିଜେଡି, ଭାଜପା ୧, କଂଗ୍ରେସ ୧ ଓ କଂଗ୍ରେସ ମେଣ୍ଟ ୧ ସମର୍ଥିତ ପ୍ରାର୍ଥୀ ବିଜୟ ଲାଭ କରିଛନ୍ତି। ବିଶେଷ କରି ବ୍ରାହ୍ମଣଦା ଭଗବତୀ ସମିତିରେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଶ୍ୟାମାପ୍ରସାଦ ବେହେରା ନିର୍ବାଚିତ ହୋଇଥିବା ବେଳେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ଦାସ ମୁକୁଳିସି ସମିତିରେ ପରାଜୟ ବରଣ କରିଛନ୍ତି।

# କେଦାରନାଥଙ୍କୁ ମିଳିଲା ମୋଟରଚାଳିତ ଟ୍ରାଇସାଇକେଲ

#### ଧରିତ୍ରୀ ପ୍ରଭାବ

**କେନ୍ଦୁଝର, ୨୭।୬ (ସ୍ୱ.ପ୍ର.)**

ଦୀର୍ଘ ବର୍ଷ ହେଲା ଆବେଦନ କରି ବାରମ୍ବାର ଧାଇଁଥିଲେ ହେଁ ମୋଟର ଚାଳିତ ସ୍କୁଟି ବା ସାଇକେଲ ମିଳି ନ ଥିଲା। ତେବେ ଧରିତ୍ରୀରେ ଖବର ପ୍ରକାଶିତ ହେବାପରେ ପ୍ରଶାସନ ତତ୍ପରତା ଦେଖାଇ ଦିବ୍ୟାଙ୍ଗ କେଦାରନାଥଙ୍କୁ ସୋମବାର ଏକ ମୋଟର ଚାଳିତ ଟ୍ରାଇସାଇକେଲ ପ୍ରଦାନ କରିଛନ୍ତି। କେଦାରନାଥ ଏଥିପାଇଁ ଖୁସିବ୍ୟକ୍ତ କରି କହିଛନ୍ତି ଧାଇଁ ଧାଇଁ ମିଳୁ ନ ଥିଲା ଆଜି ମିଳିଲା। ଏଣୁ ‘ଧରିତ୍ରୀ’ ଓ ପ୍ରଶାସନକୁ ସେ ଧନ୍ୟବାଦ ଜଣାଇଛନ୍ତି। ପ୍ରକାଶ ଯେ, କେଦାରନାଥ ବାରିକଙ୍କ ଘର କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ନମ୍ପିରା ଗ୍ରାମରେ। ସେ ରିମୁଳି କଲେଜରୁ ଯୁକ୍ତ ୩ କଳା ପାସ ହୋଇ ସ୍ଥାନୀୟ



ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟରେ ପୋଷ୍ଟ ଗ୍ରାଜୁଏସନ କରୁଛନ୍ତି। ତେବେ ପିଲା ଦିନରୁ ଦୁଇ ଗୋଡ ହରାଇଥିବା କେଦାରନାଥ ହାତ ସହାୟତାରେ ଘୁସୁରି ଘୁସୁରି ଯିବା ଆସିବା କରୁଥିଲେ। ସ୍ଥାନୀୟ ଗୋପବନ୍ଧୁ ହଷ୍ଟେଲରେ ରହୁଥିଲେ ହେଁ କଲେଜକୁ ବହୁ କଷ୍ଟରେ ଯିବା ଆସିବା କରି ପଢୁଥିଲେ। ସାଙ୍ଗମାନେ ବାଇକ୍‌ରେ ବସାଇ ତାଙ୍କୁ ନେବା ଆଣିବା କରୁଥିଲେ। ଏଣୁ ବର୍ଷେ ତଳେ ଏକ ମୋଟର ଚାଳିତ ସ୍କୁଟି ପାଇଁ ପ୍ରଶାସନ ନିକଟରେ ଆବେଦନ କରିଥିଲେ ହେଁ ମିଳି ନ ଥିଲା। ସୋମବାର ସ୍ଥାନୀୟ ଆଡଭାନ୍ସ ରିହାବିଲେସନ ସେଣ୍ଟର (ଏଆରସି)ରେ ମୋଟର ଚାଳିତ ଟ୍ରାଇସାଇକେଲ ତାଙ୍କୁ ଦିଆଯାଇଥିଲା ବୋଲି ସେ କହିଛନ୍ତି।

# ତଦନ୍ତ କଲା ସାଇଣ୍ଟିଫିକ ଟିମ୍

**ପଦ୍ମପୁର, ୨୭।୬ (ଡି.ଏନ.ଏ.)**

#### ମହିଳାଙ୍କୁ ଆକ୍ରମଣ କରି ଡକାୟତି ଘଟଣା

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନାୟକାଣିଡିହୀ ପଞ୍ଚାୟତର ଗୋକୁଳପୁର ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଜଣେ ମହିଳାଙ୍କୁ ଭୁଜାଲିରେ ଆକ୍ରମଣ କରି ଡକାୟତି କରିଥିଲେ। ଏହି ଘଟଣାରେ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରିଛି। ପ୍ରକାଶ ଯେ, ଦୁର୍ବୃତ୍ତମାନେ ଗ୍ରାମର ରେବତୀ ମହାକୁଡ଼ଙ୍କ ଘର ଗ୍ରୀଲ୍ ଭାଙ୍ଗି ଭିତରେ ପଶିଥିଲେ। ତାଙ୍କ ପୁଅବୋହୂ ଶୋଇଥିବା ଘର କବାଟ ବାହାରପଟୁ ବନ୍ଦ କରିଦେଇ ସମସ୍ତ ଲାଇଟ୍ ଲିଭାଇ ଦେଇଥିଲେ। ଜିନିଷପତ୍ର ପଡ଼ିବା ଶବ୍ଦ ହେବାରୁ ରେବତୀ ଉଠି ପାଟି କରିଥିଲେ। ଦୁର୍ବୃତ୍ତମାନେ ତାଙ୍କ ରୁମ୍‌ରୁ ଟଙ୍କା ଓ ଜିନିଷପତ୍ର ବାହାର କରି ନେବା ବେଳେ ସେ ପ୍ରତିବାଦ କରିବାରୁ ଭୁଜାଲିରେ ଆକ୍ରମଣ କରିଥିଲେ। ନଗଦ ୨.୫ ଲକ୍ଷ ଟଙ୍କା, ୫ ଭରି ସୁନା ଅଳଙ୍କାର ସମେତ ଜରୁରୀ କାଗଜପତ୍ର ନେଇ ପଳାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପଡ଼ୋଶୀମାନେ ଉଦ୍ଧାର କରି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ନାୟକାଣିଡିହୀ ଥାନାଧିକାରୀ ସୁଶାନ୍ତ ମିଶ୍ର ସାଇଣ୍ଟିଫିକ ଟିମ୍ ସହ ପହଞ୍ଚି ତଦନ୍ତ କରିଥିଲେ।

# ରେମୁଣା ବଜାର ବନ୍ଦ

**ବାଲେଶ୍ୱର ଅଫିସ,୨୭।୬**

#### ହିନ୍ଦୁ ଦେବଦେବୀଙ୍କ ପ୍ରତି ବିବାଦୀୟ ମନ୍ତବ୍ୟର ପ୍ରତିବାଦ

ହିନ୍ଦୁ ଦେବଦେବୀଙ୍କ ଉପରେ କଟୁ ମନ୍ତବ୍ୟ ପ୍ରଦାନ ପ୍ରତିବାଦରେ ସୋମବାର ବଜରଙ୍ଗ ଦଳ ପକ୍ଷରୁ ବାଲେଶ୍ୱର ଜିଲା ରେମୁଣା ବଜାର ବନ୍ଦ କରାଯାଇଥିଲା। ରେମୁଣା ବିଜ୍ଞାପିତ ଅଞ୍ଚଳ ଅଧୀନ ଗନିପୁର ଅଞ୍ଚଳର ସଂଖ୍ୟାଲଘୁ ସମ୍ପ୍ରଦାୟର କେତେଜଣ ବ୍ୟକ୍ତି ଗୋରୁ ଚାଲାଣକୁ କେନ୍ଦ୍ର କରି ହିନ୍ଦୁ ଯୁବକଙ୍କ ସହ ଗଣ୍ଡଗୋଳ କରିବା ଏବଂ ହିନ୍ଦୁ ଦେବାଦେବୀଙ୍କ ଉପରେ କଟୁ ମନ୍ତବ୍ୟ ଦେବାକୁ ନେଇ ବନ୍ଦ ଡାକରା ଦିଆଯାଇଥିଲା।

ସୂଚନା ଅନୁଯାୟୀ, ଦୁଇଦିନ ତଳେ ଏକ ଗୋରୁ ବୋଝେଇ ଗାଡ଼ି ବଡ଼ପାଳ ଅଞ୍ଚଳରେ ଯାଉଥିବାବେଳେ ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତାମାନେ ତାହାକୁ ଅଟକାଇ ଗୋରୁ ଗୁଡ଼ିକୁ ଉଦ୍ଧାର କରିଥିଲେ। ଏହାକୁ ନେଇ ଗନିପୁର ମୁଖ୍ୟ ରାସ୍ତାରେ ଗୋ-ଉଦ୍ଧାର କରିଥିବା ଯୁବକଙ୍କୁ ଅଟକାଇ ସଂଖ୍ୟାଲଘୁ ସମ୍ପ୍ରଦାୟର ସମ୍ପୃକ୍ତ ବ୍ୟକ୍ତି ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିସହ କିଛିଦିନ ଧରି ଦେବାଦେବୀଙ୍କ ଉପରେ କଟୁ ମନ୍ତବ୍ୟ ଦିଆଯାଉଥିବା ନେଇ ଥାନାରେ ମଧ ଅଭିଯୋଗ ହୋଇଥିଲା ଏବଂ ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଦାବି କରାଯାଇଥିଲା। କିନ୍ତୁ ପୋଲିସ ଉକ୍ତ ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ପ୍ରତିବାଦରେ ବଜରଙ୍ଗ ଦଳ ପକ୍ଷରୁ ରେମୁଣା ବଜାର ବନ୍ଦ କରାଯାଇଥିଲା।


ବଜରଙ୍ଗ ଦଳର କର୍ମକର୍ତ୍ତା ବଜାର ବନ୍ଦ କରୁଛନ୍ତି।

